

ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ରେଳ ଧାରଣାରୁ ଅଜଣାବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ):** ସତ୍ୟନଗର ରେଲୱେ ଓଭର ବ୍ରିଜ ନିକଟ ରେଳ ଧାରଣାରୁ ରବିବାର ଜଣେ ଅଜଣାବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଅପରାହ୍ନ ୨ଟା୧୩ରେ ପୁରୁଲିଆ ସୁପରଫାଷ୍ଟ ଏକ୍ସପ୍ରେସ ଓଭରବ୍ରିଜ ଅତିକ୍ରମ କଲାବେଳେ ଏହି ବ୍ୟକ୍ତିଜଣକ ହଠାତ୍ ଟ୍ରେନ ଆଗକୁ ମାଡି ଆସିଥିଲେ। ଦୁର୍ଘଟଣା ହେବାପରେ ଟ୍ରେନ ଡ୍ରାଇଭର କଟକ ଷ୍ଟେଶନରେ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ଆରପିଏଫ ଓ ଜିଆରପି ପହଞ୍ଚି ମୃତଦେହ ଜବତ କରିଛନ୍ତି। ମୃତକଙ୍କ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସହ ତାଙ୍କ ନିକଟରୁ କୌଣସି ପରିଚୟପତ୍ର ମିଳିନାହିଁ। ଯଦ୍ୱାରା ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଏହି ଘଟଣାରେ ଭୁବନେଶ୍ୱର ଜିଆରପି ଥାନାରେ(ନଂ.୮୬/୧୯)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଆଇଆର୍‌ସିଟିସି ଆଇ-ମୁଦ୍ରା କାର୍ଡ ପାଇଁ ଜାରି ହେଲା ହେଲ୍ପ ଲାଇନ୍

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ):** ଆଇଆର୍‌ସିଟିସି ଆଇ-ମୁଦ୍ରା କାର୍ଡ ସମ୍ପର୍କିତ ଠକେଇ ପାଇଁ ହେଲ୍ପ ଲାଇନ ଜାରି କରାଯାଇଛି। ଶନିବାର ୨୪ଘଣ୍ଟିଆ ହେଲ୍ପଲାଇନ ନଂ ୭୫୫୬୬୧୦୬୬୧ ଜାରି କରାଯାଇଛି। ଏହାସହ ଆଇଆରସିଟିସି ମୁଦ୍ରା ୱେବସାଇଟରେ ମଧ ଅଭିଯୋଗ କରାଯାଇପାରିବ। ଆଇଆରସିଟିସି ଟିକଟ ବୁକିଂ ସମୟରେ କିମ୍ବା କୌଣସି ପେମେଣ୍ଟ ସମୟରେ ଠକେଇର ଶିକାର କିମ୍ବା ସେଭଳି ପରିସ୍ଥିତି ଉପୁଜିଲେ ୨୪ଘଣ୍ଟିଆ ହେଲ୍ପ ଲାଇନ ନଂରେ ଯୋଗାଯୋଗ କରିପାରିବେ। ସୂଚନାଯୋଗ୍ୟ, ଏହି ମୁଦ୍ରା କାର୍ଡଟି ପେମେଣ୍ଟ, ନଗଦ ଉଠାଣ, ଟଙ୍କା ପଠେଇବା ସହ ଅନ୍ୟାନ୍ୟ ବିଲ ପୈଠ ମଧ କରିହେବ। ଅଧିକାଂଶ ସମୟରେ ଟିକଟ ବୁକିଂ କରିବାବେଳେ ଯାତ୍ରୀଙ୍କ ମୁଦ୍ରା କାର୍ଡରୁ ଠକେଇ ଅଭିଯୋଗ ହେବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଭାରତୀୟ ରେଳପଥର ଟିକଟ ଓ କ୍ୟାଟେରିଂ ପରିଚାଳନା ସଂସ୍ଥା ଏହି ମୁଦ୍ରା କାର୍ଡର ନିର୍ମାତା। ଏହି କାର୍ଡ ଦ୍ୱାରା ଯାତ୍ରୀ ତଥା ସାଧାରଣ ଲୋକେ ଡିଜିଟାଲ ବ୍ୟାଙ୍କିଂ ସମ୍ବନ୍ଧୀୟ ବିଭିନ୍ନ ସାହାଯ୍ୟ ପାଇପାରୁଛନ୍ତି।

### ରେଳ ଧାରଣାରୁ ଅଚିହ୍ନାବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ନରାଜ,୧୩।୧୦(ଡି.ଏନ.ଏ):** ବାରଙ୍ଗ ଜିଆରପି ପୋଲିସ ରବିବାର ପୂର୍ବାହ୍ନରେ କନକଦୁର୍ଗା ମନ୍ଦିର ସମ୍ମୁଖ ରେଳଧାରଣାରୁ ଏକ ଅଚିହ୍ନାବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବାବେଳେ ତାଙ୍କ ବୟସ ୪୫ବର୍ଷ ହେବ ବୋଲି ପୋଲିସ କହିଛି। ବ୍ୟକ୍ତିଙ୍କ ଉଚ୍ଚତା ୫ଫୁଟ ୫ଇଞ୍ଚ ଓ ପତଳା ଶରୀର। ସେ ଗୋଟିଏ ଛିଟ ଲୁଙ୍ଗି, ଗଞ୍ଜି ଓ ନୀଳରଙ୍ଗର ଫୁଲ ଶାର୍ଟ ପିନ୍ଧିଥିଲେ। ତେବେ ବ୍ୟକ୍ତିଜଣକ କୌଣସି ଏକ ଚଳନ୍ତା ଟ୍ରେନରୁ ଖସି ପଡିଥିବାରୁ ମୃତ୍ୟୁ ହୋଇଥିବା ବାରଙ୍ଗ ଜିଆରପି ପୋଲିସ ଗୌର ଚନ୍ଦ୍ର ନାୟକ ଅନୁମାନ କରିଛନ୍ତି। ଏ ନେଇ ଏକ ୭୭/୧୯ନଂ. ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି।

### ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେଗୁନିଆ, ୧୩। ୧୦ (ଡି.ଏନ.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ଭୂଆସୁଣିପାଟଣା ଗାଁର ସୁଶାନ୍ତ ବେହେରାଙ୍କ କନ୍ୟା ଶିବାନୀ(୨୨) ହଠାତ୍ ନିଖୋଜ ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ନଂ.୧୫୯/୧୯ ରୁଜୁ କରି ତଦନ୍ତ କରୁଥିଲା। ରବିବାର ତାଙ୍କ ମୃତଦେହକୁ ଏହି ଥାନା ଅଧୀନ ଚଣ୍ଡିଆପଲା ଗ୍ରାମ ନିକଟ ଏକ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟାଜନିତ ମୃତ୍ୟୁ ବୋଲି ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ।

# ରାଜ୍ୟରେ ଅସୁରକ୍ଷିତ ପର୍ଯ୍ୟଟକ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଅସୁରକ୍ଷିତ ହୋଇପଡିଛି ପର୍ଯ୍ୟଟନସ୍ଥଳୀ। ପୁରୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପ୍ରତିଦିନ କେଉଁଠି ନା କେଉଁଠି ପର୍ଯ୍ୟଟକମାନେ ଲୁଟ୍ ଏବଂ ଅସଦାଚରଣର ଶିକାର ହେଉଛନ୍ତି, ଯାହାକି ରାଜ୍ୟର ପର୍ଯ୍ୟଟନ ଚିତ୍ରକୁ ବିଶ୍ୱ ଦରବାରରେ ଖରାପ କରୁଛି। ଗୋଟିଏ ପଟେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୋଟିଏ ପରେ ଗୋଟିଏ ଯୋଜନା ହେଉଥିବା ବେଳେ ଅନ୍ୟପଟେ ପର୍ଯ୍ୟଟକଙ୍କ ସୁରକ୍ଷା ଏବେ ଚିନ୍ତାର କାରଣ ପାଲଟିଛି। ପର୍ଯ୍ୟଟନସ୍ଥଳୀରେ ବ୍ୟାପକ ପୋଲିସ୍ ମୁତୟନ ନ ହେବା, ପିକ୍‌ନିକ୍ ସ୍ଥଳଗୁଡିକରେ ନିଶାଦ୍ରବ୍ୟ ସେବନକୁ ରୋକା ନ ଯିବା ଦ୍ୱାରା ଏଭଳି ଘଟଣା ବାରମ୍ବାର ଘଟିଚାଲିଛି।

ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତଭାବେ ବୃଦ୍ଧି ପାଇଛି। ପୁରୀ, କୋଣାର୍କ ସମେତ ଚିଲିକା, ଭୁବନେଶ୍ୱର, ଗୋପାଳପୁର, ଚାନ୍ଦିପୁର, କପିଳାସ, ହୀରାକୁଦ ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ପ୍ରତିଦିନ ହଜାର ହଜାର ଦେଶୀ, ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହେଉଛି। ହେଲେ ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଦିଆଯାଉ ନ ଥିବାରୁ ଆଗାମୀ ଦିନରେ ଏହାର ସିଧାସଳଖ ପ୍ରଭାବ ପର୍ଯ୍ୟଟନ ଶିଳ୍ପ ଉପରେ ପଡିବାର ଆଶଙ୍କା ଦେଖାଦେଇଛି। ଗତ କିଛିମାସର ରିପୋର୍ଟକୁ ଦେଖିଲେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଅସଦାଚରଣ, ଲୁଟ୍ ଓ ଆକ୍ରମଣ ପରି ଘଟଣା ଚିନ୍ତାର ବିଷୟ ପାଲଟିଛି। ପୁରୀ ସହ ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ପର୍ଯ୍ୟଟକମାନେ ଅଧିକ ଅସୁରକ୍ଷିତ ହୋଇପଡିଛନ୍ତି। ପ୍ରତି ସପ୍ତାହରେ ପର୍ଯ୍ୟଟକଙ୍କ ପକ୍ଷରୁ ଥାନାରେ ଗୋଟିଏ ଲେଖାଏଁ ମାମଲା ଦାୟର ହେଉଛି। ଏହାବ୍ୟତୀତ ଅଧିକାଂଶ ସମୟରେ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଲୁଟ୍‌ର ଶିକାର ହେଉଥିଲେ ମଧ ଥାନାରେ ଅଭିଯୋଗ ନ କରି ପଳାଉଛନ୍ତି। ସବୁଠାରୁ ଦୁର୍ଭାଗ୍ୟଜନକ କଥାହେଲା ରାଜଧାନୀ ଭୁବନେଶ୍ୱରରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକ ପର୍ଯ୍ୟଟକଙ୍କ ପାଇଁ ଅଧିକ ଅସୁରକ୍ଷିତ ହୋଇପଡିଛି। ନିକଟରେ ନନ୍ଦନକାନନ ବୁଲିବାକୁ ଆସାମରୁ ଆସିଥିବା କେତେଜଣ ପର୍ଯ୍ୟଟକଙ୍କୁ ଅସାମାଜିକ ଲୋକଙ୍କ ସହ ନନ୍ଦନକାନନ କର୍ତ୍ତୃପକ୍ଷ ମିଶି ଗୋଡାଇ ଗୋଡାଇ ପିଟିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଧଉଳିରେ ପର୍ଯ୍ୟଟକଙ୍କଠାରୁ ବାରମ୍ବାର ଲୁଟ୍ ହେଉଥିବା ବେଳେ ଶିଖରଚଣ୍ଡୀରେ ମହିଳାଙ୍କ ପ୍ରତି ଅସଦାଚରଣ ବଢୁଥିବା ଦେଖିବାକୁ ମିଳୁଛି। ଏଭଳି ଘଟଣା ପର୍ଯ୍ୟଟକଙ୍କ ମନରେ ଭୟ ସୃଷ୍ଟି କରୁଥିବାବେଳେ ପର୍ଯ୍ୟଟନ ବିଭାଗ ନିକଟରେ ଏନେଇ କୌଣସି ଖବର ରହୁନି। ପର୍ଯ୍ୟଟନ ସଚିବ ବିଶାଳ ଦେବଙ୍କୁ ପଚାରିବାରେ ତାଙ୍କ ନଜରକୁ ଏଭଳି କୌଣସି ଘଟଣା ଆସି ନ ଥିବା କହିଛନ୍ତି। କେବଳ ପୁରୀ କିମ୍ବା ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ପର୍ଯ୍ୟଟନସ୍ଥଳୀରେ ମଧ ଅନୁରୂପ ପରିସ୍ଥିତ ଉପୁଜିଛି। ପିକ୍‌ନିକ୍ ସ୍ଥଳଗୁଡିକରେ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଯୁବତୀଙ୍କୁ କମେଣ୍ଟ ମରା, ଅଶ୍ଳୀଳ ଇଙ୍ଗିତ ପରି ଘଟଣା ବାରମ୍ବାର ହେଉଥିଲେ ମଧ ତାହାକୁ ରୋକାଯାଇପାରୁନାହିଁ।

### ଟୁରିଷ୍ଟ ପୋଲିସ ସେଲ୍ ସ୍ୱପ୍ନ

ପୁରୀ, ଗୋପାଳପୁର, ଧଉଳି, ନନ୍ଦନକାନନ, ଚାନ୍ଦିପୁର, ଚନ୍ଦ୍ରଭାଗା ଏବଂ ଲିଙ୍ଗରାଜ ଥାନା ଅଞ୍ଚଳରେ ଟୁରିଷ୍ଟ ପୋଲିସ୍ ମୁତୟନ କରିବାକୁ ଦୀର୍ଘବର୍ଷ ତଳୁ ଯୋଜନା ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଖୁବ୍‌ଶୀଘ୍ର ୮ଟି ଟୁରିଷ୍ଟ ପୋଲିସ ସେଲ୍ କାର୍ଯ୍ୟକ୍ଷମ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଉଥିଲେ ବି ପଦ୍ମ ଘୁଞ୍ଚିଲା ଭଳି ତାହା ଘୁଞ୍ଚି ଘୁଞ୍ଚି ଯାଉଛି। ଏପଟେ ୨୦୧୨ ମସିହାରେ ଇଟାଲୀର ଦୁଇଜଣ ପର୍ଯ୍ୟଟକଙ୍କୁ ମାଓବାଦୀମାନେ ଅପହରଣ କରିନେବା ପରେ ମଧ ସମ୍ପୃକ୍ତ ଜିଲାଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ଏପର୍ଯ୍ୟନ୍ତ ସଜଡା ଯାଇନାହିଁ। ଆଦିବାସୀ ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକଙ୍କ ପରିଭ୍ରମଣ ଲାଗି ନିୟମ କୋହଳ ହୋଇଥିଲେ ମଧ ପର୍ଯ୍ୟଟକଙ୍କ ମଧରେ ସେଠାକୁ ଯିବାକୁ ସେତେଟା ଆଗ୍ରହ ଦେଖିବାକୁମିଳୁନି।



ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିର ପରିସରରେ ପଦଯାତ୍ରାରେ ସାମିଲ ପର୍ଯ୍ୟଟକ।

### ୧୪୨ତମ ଐତିହ୍ୟ ପଦଯାତ୍ରା
# ଓଡ଼ିଶୀରେ ମନ୍ତ୍ରମୁଗ୍ଧ ଦର୍ଶକ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

ପୁଣି ଆରମ୍ଭ ହୋଇଛି ଐତିହ୍ୟ ପଦଯାତ୍ରା। ଏଣିକି ଏଥିରେ ଦେଖିବାକୁ ମିଳିବ ଓଡ଼ିଶୀ। ପ୍ରଥମ ଦିନରେ ହିଁ ପର୍ଯ୍ୟଟକମାନେ ଓଡ଼ିଶୀ ନୃତ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇଯାଇଛନ୍ତି। ପୁରୁଣା ଭୁବନେଶ୍ୱରରେ ଥିବା ପୁରାତନ ମନ୍ଦିରର କଳାକୃତି ସାଙ୍ଗକୁ ଓଡ଼ିଶୀ ସକାଳୁ ପର୍ଯ୍ୟଟକଙ୍କୁ ପଦଯାତ୍ରାରେ ବାନ୍ଧି ରଖିଥିଲେ। ପଦଯାତ୍ରାରେ ଭାଗ ନେଇଥିବା ରୁପକ କୁହନ୍ତି, ଗତ କିଛି ସପ୍ତାହ ହେବ ମୁଁ ପଦଯାତ୍ରାରେ ନିୟମିତ ଆସୁଛି। ହେଲେ ଚଳିତଥର ଓଡ଼ିଶୀ ନୃତ୍ୟ ମନ୍ଦିରର କଳାକୃତି ଉପରେ ଅନ୍ୟ ଏକ ଛାପ ଛାଡ଼ି ଦେଇଥିଲା। ପଦଯାତ୍ରାରେ ଆଗକୁ ମଧ ଓଡ଼ିଶୀ ନୃତ୍ୟ ଜାରି ରହୁଥିବାରୁ ମୁଁ ମଧ ଏଠାକୁ ଆସିବି ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଗୁରୁ ପଦ୍ମଶ୍ରୀ ଇଲିଆନା ସିତାରିସ୍ତଙ୍କ ଅନୁଷ୍ଠାନ ଆର୍ଟ ଭିଜନ୍ ପକ୍ଷରୁ ଏବେ ନୃତ୍ୟ ପରିବେଷଣ କରାଯିବ। ଚଳିତ ପଦଯାତ୍ରାରେ କଳାକାରମାନଙ୍କ ଦ୍ୱାରା ଦୁଇଟି ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆଗକୁ ଓଡ଼ିଶୀର ଅନ୍ୟ ନୃତ୍ୟଗୁଡ଼ିକୁ ପରିବେଷିତ କରାଯିବ। କାର୍ଯ୍ୟକ୍ରମରେ ୨୫ଜଣ ପଦଯାତ୍ରୀ ଯୋଗ ଦେଇଥିଲେ। ସକାଳୁ ମୁକ୍ତେଶ୍ୱର ମନ୍ଦିରରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିବାବେଳେ ପରେ ପଦଯାତ୍ରୀମାନେ ପର୍ଶୁରାମେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର, କୋଟିତିର୍ଥେଶ୍ୱର, ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର, ସୁକଶାରୀ ମନ୍ଦିର, ବିନ୍ଦୁସାଗର ଓ ଆର୍ଟ ଭିଜନ୍ ଡ୍ୟାନ୍ସ ଏକାଡେମୀ ବୁଲି ଦେଖିଥିଲେ। ଶନିବାର ଖଣ୍ଡଗିରି ଓ ଉଦୟଗିରିରେ ହେଉଥିବା ଐତିହ୍ୟ ପଦଯାତ୍ରାରେ ୧୫ଜଣ ପଦଯାତ୍ରୀ ଯୋଗଦେଇ ମହାବୀର ଜୈନ ଓ କଳିଙ୍ଗର ଇତିହାସ ବିଷୟରେ ଜାଣିବାକୁ ପାଇଥିଲେ।



ମନ୍ଦିର ପରିସରରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# କୁମାରପୂର୍ଣ୍ଣିମାରେ କୁମାରୀ ବିବାହ ଉତ୍ସବ



ବିବାହ ବେଦିରେ ଅନ୍ୟମାନଙ୍କ ସହ ବରକନ୍ୟା।

**ଝାଁଳା,୧୩।୧୦(ଡି.ଏନ.ଏ.)**

କୁମାର ପୂର୍ଣ୍ଣିମା ଉପଲକ୍ଷେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ବଡ଼ମହୁରା ଓ ସାନମହୁରା ଗ୍ରାମରେ କୁମାରୀ ବିବାହ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଚାନ୍ଦ ପୂଜା ପରେ ଉଭୟ ଗ୍ରାମରେ ଉତ୍ସବ ଆୟୋଜିତ ହୋଇଥିଲା। ବାଜା, ବାଣ, ରୋଶଣିରେ ଗାଁ ଦାଣ୍ଡ ଦୁଲୁକି ଉଠିଥିଲା। ବଡମହୁରାରେ ବିଦ୍ୟୁତ୍‌ସ୍ମିତା ଜେନା ବରବେଶରେ ବରଯାତ୍ରୀ ଧରି କନ୍ୟା ଘରେ ପହଞ୍ଚି ଥିଲେ। କନ୍ୟାଘର ପକ୍ଷରୁ ସେମାନଙ୍କୁ ପାଛୋଟି ନିଆଯାଇଥିଲା। ବିବାହ ବେଦିରେ ବରକନ୍ୟାଙ୍କ ଯଥାରୀତି ବିବାହ ସମ୍ପନ୍ନ ହୋଇଥିଲା। କନ୍ୟା ବେଶରେ ସାଇସ୍ମିତା ପଶ୍ଚିମକବାଟ ସଜେଇ ହୋଇ ବେଦିରେ ବସିଥିଲେ। ରୀତିନୀତି ଅନୁଯାୟୀ, କନ୍ୟାପିତା ମଧୁସ୍ମିତା ପଶ୍ଚିମକବାଟ ଓ ବରପିତା ଦେବସ୍ମିତା ଜେନା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମ୍ ଶାଳକ ବିଧା ମାରିଥିବାବେଳେ ଲକ୍ଷ୍ମୀ ହାତଗଣ୍ଠି ଫିଟାଇଥିଲେ। ବିବାହ ଉତ୍ସବରେ ନିରୁପମା, ସୁଜାତା, ରୋନୁ, ବିଷ୍ଣୁପ୍ରିୟା, ସୁହାନୀ, ଖୁସି, ପୂଜା ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ସାନମହୁରାରେ କୁମାରୀ ବିବାହରେ ବର ଭାବେ ଲିପ୍‌ସା ଭାରିମଲ୍ଲ ଓ କନ୍ୟା ବେଶରେ ସ୍ମୃତିରେଖା ମହାରଣା ଥିଲେ। ବରପିତା ମଧୁସ୍ମିତା ମଙ୍ଗରାଜ ଓ କନ୍ୟାପିତା ଭାବେ ପ୍ରଭାସିନୀ ମଙ୍ଗରାଜ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗୀତା ଶାଳକ ବିଧା ମାରିଥିବା ବେଳେ ରୀତା ହାତଗଣ୍ଠି ଫିଟାଇଥିଲେ। ଲିପା, ପୁଷ୍ପା, ମିତାଲି, ଲୋନି, ମିଲି, ମାମାଲି ଓ ସାନମହୁରା ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ। ଉଭୟ ବିବାହରେ ପ୍ରଭଞ୍ଜନ ମହାପାତ୍ର ପୁରୋହିତର କାର୍ଯ୍ୟ ନିର୍ବାହ କରିଥିଲେ।

# ନୂଆ ଡ୍ରେସ୍ ନ ମିଳିବାରୁ ନାବାଳିକାଙ୍କ ଆତ୍ମହତ୍ୟା

**ବାଲକାଟୀ,୧୩।୧୦(ଡି.ଏନ.ଏ)**

**କୁମାରପୂର୍ଣ୍ଣିମାରେ ଦୁଃଖ**

କୁମାର ପୂର୍ଣ୍ଣିମାରେ ନୂଆ ଡ୍ରେସ୍ ନ ମିଳିବାରୁ ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ରବିବାର କୁମାର ପୂର୍ଣ୍ଣିମା ଉତ୍ସବ ଥିବାର ଗ୍ରାମର ସମସ୍ତ ଝିଅମାନେ ନୂଆ ବସ୍ତ୍ର ପରିଧାନ କରିଥିଲେ। ଏହାଦେଖି ନାବାଳିକା ଜଣକ ମଧ ନୂଆ ଡ୍ରେସ ପିନ୍ଧିବାକୁ ଘରେ ଦାବି କରିଥିଲା। କିନ୍ତୁ ପରିବାର ଲୋକେ ରାଜି ନ ହୋଇ ଓଲଟି ତାଙ୍କୁ ଗାଳି ମାଡ଼ କରିଥିଲେ। ଏଥିରେ ସେ ମିୟମ୍ରାଣ ହୋଇ ଘରେ ଚାଷ ପାଇଁ ଥିବା କୀଟନାଶକ ପିଇ ଦେଇଥିଲେ। ଫଳରେ ଚିତ୍କାର ଶୁଣି ପରିବାର ଲୋକେ ଦେଖିବା ପରେ ସଙ୍ଗେ ସଙ୍ଗେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦେଖିବା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରି ଦେଇଥିଲେ। ତେବେ ଚିକିତ୍ସା ସମୟରେ ଅପରାହ୍ନ ୩ଟାରେ ନାବାଳିକାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିପାଟଣା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୪୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୁମାର ଉତ୍ସବରେ ଗ୍ରାମ ସାରା ଖୁସିର ମାହୋଲ ଥିବାବେଳେ ନାବାଳିକାଙ୍କ ମୃତ୍ୟୁ ଖବର ଶୁଣି ଶୋକର ଛାୟା ଖେଳିଯାଇଛି।

### ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ ଘଟଣା
# ମୁଖ୍ୟ ଅଭିଯୁକ୍ତ କାଳିଆ ଗିରଫ

**ପୁରୀ ଅଫିସ, ୧୩।୧୦**

ସଦର ଥାନା ଅଧୀନ ଗୋଲାସାହିରେ ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ କାଳିଆ ଓରଫ ରାଜେନ୍ଦ୍ର କୁମାର ପ୍ରଧାନ(୨୮)ଙ୍କୁ ରବିବାର ପୋଲିସ ଗିରଫ କରିଛି। ତାଙ୍କ ଘର ସେହି ଗୋଲାସାହି ଅଞ୍ଚଳରେ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୫ତାରିଖ ଅପରାହ୍ନ ସାଢେ ୪ଟାରେ ୩ଜଣ ଯୁବକ ମୁହଁରେ କଳା କପଡ଼ା ବାନ୍ଧି ଗୋଲାସାହିର ଶରତ ଚନ୍ଦ୍ର ମିଶ୍ରଙ୍କ ଘରେ ପଶିଥିଲେ। ସେମାନେ ଶରତଙ୍କୁ ୨୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ମାତ୍ର ଶରତ ମନା କରିବାରୁ ସେମାନେ ଶରତ ଓ ତାଙ୍କ ସ୍ତ୍ରୀ ସୁସ୍ମିତା ରଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଶରତଙ୍କ ଅଭିଯୋଗ କ୍ରମେ ଥାନାରେ ଏକ କେସ୍ (ନଂ. ୨୨୪/୧୯) ରୁଜୁ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଅନ୍ୟତମ ଅଭିଯୁକ୍ତ ନାରାୟଣ ଦଳାଇଙ୍କୁ ଶୁକ୍ରବାର ଗିରଫ କରିଥିଲା। ତେବେ ଏପର୍ଯ୍ୟନ୍ତ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**



ଅବକାଶ

- କୋର୍ଟ ବିବାହ ପରେ ପ୍ରେମିକାଙ୍କ ସହ ମତାନ୍ତର ଥିଲା
- ସମାଧାନ ପାଇଁ ଦୁଇ ପରିବାର ମଧରେ ଉଦ୍ୟମ ହୋଇଥିଲା
- ପ୍ରେମିକାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କଲା ପୋଲିସ

ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା। ପ୍ରେମିକାଙ୍କ ଘର ଲୋକେ ମିଳିତ ଭାବେ ପିଟି ପିଟି ମାରିଦେଇଥିବା ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ଭିଏସ୍‌ଏସ୍ ନଗର ମହାବୀର ବସ୍ତି ନିକଟରେ ରବିବାର ସକାଳେ ଘଟିଛି ଏହି ଘଟଣା। ମୃତ ଯୁବକ ହେଲେ ନୟାଗଡ଼ ଜିଲା ରାଜସୁନାଖଳା ନରେନ୍ଦ୍ରପୁର ଗ୍ରାମର ଅବକାଶ ପାଇକରାୟ(୨୬)। ତାଙ୍କ ମୁଣ୍ଡ, ଛାତି ଓ ଶରୀରର କେତେକ ସ୍ଥାନରେ କ୍ଷତ ଦେଖିବାକୁ ମିଳିଛି। ପୋଲିସ ଆଇପିସି ଦଫା ୩୦୨ ଓ ୩୪ରେ ପ୍ରେମିକାଙ୍କ ପରିବାରର ୫ଜଣଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୫୧୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ତାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି।

ପୋଲିସ ସୂଚନାନୁସାରେ, ଅବକାଶ ଦୁଇବର୍ଷ ହେବ କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟର କମ୍ପ୍ୟୁଟର ବିଭାଗରେ ଚାକିରି କରନ୍ତି। ସେଠାରେ ଚାକିରି କରୁଥିବା ଭିଏସ୍‌ଏସ୍‌ନଗରରେ ପରିବାର ସହ ରହୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ଘରେ ନ ଜଣାଇ ଗତ ଜାନୁୟାରୀ ୩ରେ କୋର୍ଟରେ ବିବାହ କରିଥିଲେ। କିଛିଦିନ ତଳେ କୌଣସି କାରଣକୁ ନେଇ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଅବକାଶ ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହ ଘଟଣା ସମ୍ପର୍କରେ ତାଙ୍କ ପିଉସୀ ଧରିତ୍ରୀ ପ୍ରଧାନଙ୍କୁ ଜଣାଇଥିଲେ। ପରେ ବାପା ଭାସ୍କର ପାଇକରାୟ ଜାଣିବା ପରେ ସମସ୍ୟା ସମାଧାନ ପାଇଁ ଧରିତ୍ରୀ ଓ ଅବକାଶଙ୍କୁ ଧରି ଶନିବାର ରାତି ୭ଟାରେ ଯୁବତୀଙ୍କ ଘରକୁ ଆସିଥିଲେ। ଯୁବତୀଙ୍କୁ ବୋହୂ କରିନେବା ପାଇଁ ଭାସ୍କର କହିଥିଲେ। ହେଲେ ଯୁବତୀଙ୍କ ପରିବାର ଲୋକେ ରାଜି ନ ହେବା ସହ ସେମାନଙ୍କୁ ଅପମାନିତ କରି ବିଦା କରିଦେଇଥିଲେ। ସେଠାରୁ ସମସ୍ତେ ଗୋଟିଏ ଗାଡ଼ିରେ ଖଣ୍ଡଗିରିସ୍ଥିତ ଘରକୁ ଫେରି ଆସିଥିଲେ। ଭାସ୍କରଙ୍କ ଅଭିଯୋଗ ଅନୁସାରେ, ଯୁବତୀ ଜଣକ ଅବକାଶଙ୍କୁ ଫୋନ୍ କରି ପୁଣି ଘରକୁ ଡାକିଥିଲେ। ଅବକାଶ ସେଠାରେ ପହଞ୍ଚିବା ପରେ ଯୋଜନାବଦ୍ଧ ଭାବେ ତାଙ୍କୁ ମାଡ଼ ମରାଯାଉଥିବା ନେଇ ସେ ଫୋନ୍ କରି ଘରକୁ ଜଣାଇଥିଲେ। ଏହାର କିଛି ସମୟ ପରେ ପୋଲିସଠାରୁ ଖବର ପାଇ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୁଅ ଅବକାଶଙ୍କ ମୃତଦେହ ଦେଖିଥିଲେ ବୋଲି ଭାସ୍କର କହିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପିଉସୀ ଧରିତ୍ରୀ କହିଛନ୍ତି, ଯୁବତୀଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ଥିଲା। ସେମାନଙ୍କ ମିଳାମିଶାକୁ ଅବକାଶ ବିରୋଧ କରୁଥିଲେ। ତେଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯିବା ପରେ ବିଷ ପିଆଇ ଦିଆଯାଇଛି। ମାତ୍ର ଯୁବତୀଙ୍କ ପରିବାର ଲୋକେ କହିଛନ୍ତି, ଅବକାଶଙ୍କ ପାଗଳାମି ବଢ଼ିଯାଇଥିଲା। ଛୋଟ ଝଗଡ଼ାରେ ସେ ବିଷ ପିଇ ଆତ୍ମହତ୍ୟା କରିଦେବାକୁ ଧମକ ଦେବା ସହ ତାଙ୍କ ଝିଅ ବେକରେ ବ୍ଲେଡ୍ ମଧ ଲଗାଇ ଦେଉଥିଲେ। ଝିଅର ଜୀବନ ପ୍ରତି ବିପଦ ଥିବାରୁ ସେମାନେ ବିବାହ ପାଇଁ ରାଜି ହୋଇ ନ ଥିଲେ। ଏନେଇ ୬ଦିନ ତଳେ ଝିଅ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ଶନିବାର ପରିବାର ଲୋକେ ତାଙ୍କ ଘରକୁ ଯିବାପରେ ଅବକାଶ ଆସି ଘର ଆଗରେ ବସି ରହି ବିବାହ କରିବା ସହ ଝିଅକୁ ସାଥୀରେ ନେବାକୁ ଜିଦ୍ ଧରିଥିଲେ। ଝିଅ ନ ଯିବାରୁ ସେ ଚିତ୍କାର କରିବା ସହ ବିଷପିଇ ତଳେ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଏହା ଦେଖି ପୋଲିସକୁ ଫୋନ କରାଯିବା ପରେ ତାଙ୍କୁ ସ୍ଥାନୀୟ କ୍ଲିନିକ୍ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ଅବକାଶ ରାଜସୁନାଖଳା କଲେଜର ଦୁଇଥର ଛାତ୍ର ସଂସଦ ସଭାପତି ଥିଲେ। ଏଥିସହ ଏକ ରାଜନୈତିକ ଦଳର ଛାତ୍ର ନେତା ଭାବେ କାର୍ଯ୍ୟ କରୁଥିଲେ।

### ବିନୋଦପଡ଼ାରେ ମୃତଦେହ ରଖି ରାସ୍ତାରୋକୋ

ଅନ୍ୟପକ୍ଷରେ ଯୁବନେତା ଅବକାଶଙ୍କ ହତ୍ୟା ପ୍ରତିବାଦରେ ନୟାଗଡ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡିର ବିନୋଦପଡା କଲେଜ ଛକଠାରେ ୫୭ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ହତ୍ୟାକାରୀଙ୍କୁ ଗିରଫ ଓ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଶହ ଶହ ଛାତ୍ର ଓ ଏକ ରାଜନୈତିକ ଦଳର କର୍ମୀ ଉତ୍ତେଜିତ ହୋଇ ମଧାହ୍ନରେ ଆନ୍ଦୋଳନ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ସାଢ଼େ ୧ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।



ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡିଥାଏ।
- ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କମ୍ପ୍ୟୁଟର ସୋସାଇଟି ଅଫ ଇଣ୍ଡିଆର ୫୩ତମ ସିଏସ୍ଆଇ ବାର୍ଷିକ ସମ୍ମେଳନ, ପ୍ରେସ୍ କ୍ଲବ, ପୂର୍ବାହ୍ନ ୧୦ଟା ୩୦।
- ମିଶନ ଡିଫ୍ ଇନକ୍ଲୁଶନ ପକ୍ଷରୁ 'ଆମ ଯୋଜନା ଆମ ଅଧିକାର' ପୁସ୍ତିକା ଉନ୍ମୋଚନ, ଏନ୍ସିଏସ୍ସିଡିଏ ସେଣ୍ଟର, ଜାଗମରା, ସୁନ୍ଦରପଦା ରୋଡ, ପୂର୍ବାହ୍ନ ୧୧ଟା।
- ଦି ମଦର୍ ଏର୍ଥ ପକ୍ଷରୁ ଜାତୀୟ ସେମିନାର, ରାଜ ଭବନ, ମଧ୍ୟାହ୍ନ ୧୨ଟା।
- ଗଜଲକ୍ଷ୍ମୀ ସଂସ୍କୃତି ସଂଘ ଓ ଜୟ ଓଡ଼ିଶା ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ-୩, ଅପରାହ୍ନ ୫ଟା ୩୦।
- ଦି ବୁଦ୍ଧିଷ୍ଟ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଆଲୋଚନାଚକ୍ର, କଳିଙ୍ଗ ବୁଦ୍ଧ ବିହାର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଟ୍ୟୁନ୍ସ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଁ ମା ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ଲକ୍ଷ୍ମୀ ପୂଜାରେ ଗୁରୁପୂଜା, ଲକ୍ଷ୍ମୀସାଗର ମେଳନ ପଡ଼ିଆ, ସକାଳ ୭ଟା।

**କଟକ**
- ସୁହୃଦ ଆନୁକୂଲ୍ୟରେ ଶ୍ରୀମଦ ଭାଗବତ ସପ୍ତାହ ମହୋତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।
- କୁମାର ଉତ୍ସବ ସମିତି ପକ୍ଷରୁ ୩୮ତମ କୁମାର ଉତ୍ସବର ଉଦ୍ଯାପନୀ, ଗୁରୁ କେଳୁଚରଣ ମହାପାତ୍ର ମଣ୍ଡପ, ସାଆନ୍ତ ସାହି, ସନ୍ଧ୍ୟା ୭ଟା।

**ପୁରୀ**
- ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦର କୁମାରୋତ୍ସବ ଉଦ୍ଯାପନୀ ଦିବସ, ବେଳାଭୂମି, ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତିର ୫୨ତମ କୁମାରୋତ୍ସବ, ଶରଧାବାଲି, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର, ଖୋର୍ଦ୍ଧା ପଲଟନ ପଡିଆ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ମେହେନ୍ଦି, ଚିତ୍ରାଙ୍କନ ପ୍ରତିଯୋଗିତା, ନହରକଣ୍ଟା, ପାଟଣା ସାହି, ଅପରାହ୍ନ ୩ଟା।

## ନାନାଜୀ, ଜୟପ୍ରକାଶ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୩।୧୦(ବ୍ୟୁରୋ): ଲୋକ ସେନାନୀ ସଂଘ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ନାନାଜୀ ଦେଶମୁଖଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ନାନାଜୀ ଓ ଜୟପ୍ରକାଶଙ୍କ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରାଯାଇଛି। ସଂଘ ରାଷ୍ଟ୍ରୀୟ ସମ୍ପାଦକ ଜରୁରୀ ପରିସ୍ଥିତିର ପୂର୍ବାପର ବିଷୟରେ ଅବଗତ କରାଇଥିଲେ। ସଂଘର କର୍ମକର୍ତ୍ତା ଭୁବନାନନ୍ଦ ତ୍ରିପାଠୀ, ବ୍ରଜ ମହାପାତ୍ର ଏବଂ ଅନ୍ୟମାନେ ଜରୁରୀ ପରିସ୍ଥିତିରେ ଏହି ଦୁଇ ବ୍ୟକ୍ତିତ୍ୱଙ୍କ ବଳିଦାନ ବିଷୟରେ ଆଲୋଚନା କରିଥିଲେ। ସଂଘର ଆବାହକ ଶ୍ରୀଧର ଦାଶ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବାବେଳେ ସୁରେନ୍ଦ୍ର ନାଥ ନାୟକ ଧନ୍ୟବାଦ ଦେଇଥିଲେ।

# ବିରାଜିଲେ ଗଜଲକ୍ଷ୍ମୀ

- ରାଜଧାନୀର ୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ମା'
- ସୁନା ଚାନ୍ଦି ମେଢ଼, ବକିଂହାମ୍ ପ୍ୟାଲେସ ଆକର୍ଷଣ

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ସହରଠାରୁ ପୂରପଲ୍ଲୀ ସବୁଠି ରବିବାରଠାରୁ ଆରମ୍ଭ ହୋଇଛି ମା' ଗଜଲକ୍ଷ୍ମୀଙ୍କ ଆରାଧନା। ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ ଭୁବନେଶ୍ୱର ସମେତ ପୁରୀ, କଟକ, ଖୋର୍ଦ୍ଧା ସମେତ ବିଭିନ୍ନ ସହର। ସହରର ବିଭିନ୍ନ ପୂଜା ମଣ୍ଡପ ଓ କଲୋନୀରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଆବାହନ କରି ସୁଖ, ସମୃଦ୍ଧି କାମନା କରିଛନ୍ତି। ଏଥର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଉଥିବାବେଳେ ସନ୍ଧ୍ୟାହେଲେ ତୋରଣ, ଆଲୋକମାଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି।

ପୂଜାମଣ୍ଡପଗୁଡ଼ିକରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଅପରାହ୍ନ ପ୍ରାୟ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରାୟ ମଣ୍ଡପରେ ଜଳଯାତ୍ରା ଓ କଳସ ଅଧିବାସ କରାଯିବା ପରେ ରାତି ୯ଟାରୁ ୧୨ଟା ମଧ୍ୟରେ ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା ଓ ଷୋଡ଼ଶ ଉପଚାର ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ହୋମ ଓ ଅନ୍ୟାନ୍ୟ ଦେବଦେବୀ ହୋମ କରାଯିବା ପରେ ବିଳମ୍ବିତ ରାତିରେ ଆରତୀ ଓ ପୁଷ୍ପାଞ୍ଜଳି ସମ୍ପନ୍ନ ହୋଇଥିଲା। ସୋମବାର ସମସ୍ତ ପୂଜା ମଣ୍ଡପରେ ଗୋପୂଜା, ଗୁରୁପୂଜା, ଧରିତ୍ରୀ ପୂଜା ଓ ମଣ୍ଡପ ପ୍ରବେଶ ଅନୁଷ୍ଠିତ ହେବ। ୟୁନିଟ-୯ ଭୁବନେଶ୍ୱର ଫ୍ରେଣ୍ଡ୍ସ କ୍ଲବ୍ ପକ୍ଷରୁ ଏଥର ବେଶ୍ ଜାକଜମକର ସହ ପୂଜା କରାଯାଇଛି। ସୁନା, ଚାନ୍ଦି ଅଳଙ୍କାରରେ ବିଭୂଷିତ ମା'ଙ୍କ ମୂର୍ତ୍ତି ଏଠାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିଭଳି ବିଶାଳ ତୋରଣ ଦେଖଣାହାରୀଙ୍କ ମନ ଜିଣୁଛି। ଲକ୍ଷ୍ମୀସାଗରସ୍ଥିତ ମା' ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ଆୟୋଜିତ ପୂଜାରେ ଲଣ୍ଡନର ବକିଂହାମ୍ ପ୍ୟାଲେସ୍ ସଦୃଶ ତୋରଣ ଆକର୍ଷଣ ସାଜିଛି। ସପ୍ତାହେବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାରେ ଶାନ୍ତିଶୃଙ୍ଖଳ ରକ୍ଷା ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସମିତି ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେହିପରି ବାପୁଜୀନଗର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଏଥର ମଧ ଭିନ୍ନ ଆକର୍ଷଣ ପାଲଟିଛି। ଏହାବ୍ୟତୀତ ଶହୀଦନଗର ଦୁର୍ଗାପୂଜା ମଣ୍ଡପ, ୟୁନିଟ-୮ସ୍ଥିତ ଗୋପବନ୍ଧୁ ସ୍ମୃତି ସଂସଦ, ବରମୁଣ୍ଡା, ଶିରିପୁର, ୟୁନିଟ୍-୬, ଅଶୋକ ନଗର, ଚନ୍ଦ୍ରଶେଖରପୁର, ନୟାପଲ୍ଲୀ, ସିଆର୍ପି, ମଞ୍ଚେଶ୍ୱର, ଚକେଇସିହାଣି, ରସୁଲଗଡ, ଷ୍ଟେଶନ ବଜାର, ପୁରୁଣା ଭୁବନେଶ୍ୱରରର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଚାଲିଛି।



ଭୁବନେଶ୍ୱର ବାପୁଜୀ ନଗର ମଣ୍ଡପରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀ।

# ଚୌଦ୍ୱାରରେ ରୂପଯାତ୍ରା ଆରମ୍ଭ



ଚୌଦ୍ୱାର ନୂଆସାହି ଅଞ୍ଚଳରେ ପୂଜା ପାଉଥିବା ମୂର୍ତ୍ତି।



ବିରୂପା ରୋଡ୍ ପୂଜା ମଣ୍ଡପ



ବ୍ରାହ୍ମଣସାହି ପୂଜା ମଣ୍ଡପ



ଓଟିଏମ୍ ମହାଦେବ ବଜାର ପୂଜା ମଣ୍ଡପ

ଚୌଦ୍ୱାର,୧୩।୧୦(ଡି.ଏନ୍.ଏ.): କୁମାର ପୂର୍ଣ୍ଣିମା ଅବସରରେ ଚୌଦ୍ୱାରରେ ରବିବାର ରୂପଯାତ୍ରା ଆରମ୍ଭ ହୋଇଛି। ମା' ଲକ୍ଷ୍ମୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ମଣ୍ଡପମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବ୍ରାହ୍ମଣ ସାହି, ଗାନ୍ଧୀ ଛକ, କଳିଙ୍ଗ ବଜାର, ମୁଣ୍ଡମାଳ, ଗଜଲକ୍ଷ୍ମୀ ସାହି ଆଦି ମଣ୍ଡପମାନଙ୍କରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଉଥିବା ବେଳେ କପାଳେଶ୍ୱର, ତଳ ବଜାର, ମହାଜନ ସାହି, ଖର୍ଦ୍ଦାସାହି ନୂଆସାହି ଆଦି ମଣ୍ଡପରେ ପ୍ରତିଷ୍ଠିତ ଲକ୍ଷ୍ମୀ ନାରାୟଣ ଓ ରାଧାକୃଷ୍ଣ ମୂର୍ତ୍ତି ପୂଜା କରାଯାଇଛି। ଏଥି ସହିତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ହର ପାର୍ବତୀ, ଶିବ ଆଦି ମେଢ଼ର ପୂଜା ଅନୁଷ୍ଠିତ ହୋଇଛି। ମା' ଲକ୍ଷ୍ମୀଙ୍କ ପୂଜାରୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଉତ୍ସବ ଅନୁଷ୍ଠିତ ହେବା ସହିତ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ସନ୍ଧ୍ୟାରେ ଗାନ୍ଧୀ ଛକ, କଳିଙ୍ଗ ଛକ, ଓଟିଏମ୍ ବଜାର, ବିରାଟ ବଜାର ଆଦିରେ ଅନୁଷ୍ଠିତ ମେଲୋଡ଼ି ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ଜନଗହଳି ଦେଖାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

# ସ୍କୁଲ ଜୀବନକୁ ମନେପକାଇଲା ଆହେ ନୀଳ ଶଇଳ...

ପୁରୀ ଅଫିସ,୧୩।୧୦

ସ୍କୁଲରେ ପଢୁଥିବାବେଳେ ପ୍ରାୟତଃ ସମସ୍ତେ ଆହେ ନୀଳ ଶଇଳ...ପ୍ରାର୍ଥନା ବୋଲିଥିବେ। ସହପାଠୀଙ୍କ ଗହଣରେ ଠିଆହୋଇ ଏହି ପ୍ରାର୍ଥନା ବୋଲିବାକୁ ହୁଏତ ଅନେକ ଭୁଲି ଯାଇଥିବେ। ହେଲେ ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ ସ୍କୁଲ ଜୀବନକୁ ମନେ ପକାଇ ଦେଇଥିଲା। ଗବେଷକ ଡ. ନରେଶ ଚନ୍ଦ୍ର ଦାଶଙ୍କ କଣ୍ଠରୁ ଏହି ଭାବ ଭକ୍ତିଭରା ପ୍ରାର୍ଥନା ଆହେ ନୀଳ ଶଇଳ... ଶୁଣିବା ପରେ ଆବାଳ ବୃଦ୍ଧବନିତା ସମବେତ ଭାବେ ଏହା ଗାନ କରିଥିଲେ। ପ୍ରାୟ ୧୦ ମିନିଟ୍ ଧରି ଏହି ସାମୂହିକ ପ୍ରାର୍ଥନା ପରିବେଶକୁ ଭକ୍ତିମୟ କରି ଦେଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପ୍ରତି ରବିବାର ସକାଳେ ଆୟୋଜିତ ହେଉଥିଲା ନୀଳାଦ୍ରି ଭକ୍ତ ଉତ୍ସବ। ରବିବାରଠାରୁ ଶ୍ରୀମନ୍ଦିର ପ୍ରଶାସନ ଏହାର ଦାୟିତ୍ୱ ନେଇଥିବାବେଳେ ଏହାର ନାମ ପରିବର୍ତ୍ତନ କରାଯାଇ ରଖାଯାଇଛି ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ। ପ୍ରଥମେ ଶଙ୍ଖଧ୍ୱନି ଏବଂ ଶ୍ରୀମନ୍ଦିର ପରିସର ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରଙ୍କ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ପରେ ନବ ପ୍ରତିଭା ଅନୁଷ୍ଠାନର ୭ ଶିଳ୍ପୀ ଶ୍ରୀଗୀତଗୋବିନ୍ଦ ନୃତ୍ୟ (ଓଡ଼ିଶୀ) ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ କେନ୍ଦ୍ର ପକ୍ଷରୁ ନରସିଂହ ଅବତାର, ଆର୍ଟିଷ୍ଟିକ ଯୋଗ ଶିବ ତାଣ୍ଡବ ପ୍ରଦର୍ଶନ କରାଯାଇଥିଲା। ବାବା ସଚ୍ଚିଦାନନ୍ଦ ଦାସମହାରାଜ ଶ୍ରୀମଦ୍ ଭାଗବତ ଗୀତାର ଶ୍ଳୋକ ପଢି ଏହାର ବ୍ୟାଖ୍ୟା କରିଥିଲେ। ଶେଷରେ ରାଧାମୋହନ ବିଶୋଇ ଓ ତାଙ୍କ ସାଥୀ ଏବଂ ଡେଲାଙ୍ଗ ସଂକୀର୍ତ୍ତନ ଦଳ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏତଦ୍ବ୍ୟତୀତ ରଙ୍ଗୋଲି ଏବଂ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଦୁର୍ଗାମାଧବ କର ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଓଏସ୍ଡି ଶୁଭ୍ରାଂଶୁ ପାଢୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସାମାଜିକ କର୍ମୀ ଯୁଗବ୍ରତ କରଙ୍କ ସମେତ ବିଭିନ୍ନ ମଠ ମହନ୍ତ, ଗବେଷକ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମକୁ ଉଦ୍ଘାଟନ କରୁଛନ୍ତି ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ।

### ଶ୍ରଦ୍ଧାଳୁଙ୍କ ମଧ୍ୟରେ ବସି କାର୍ଯ୍ୟକ୍ରମ ଦେଖିଲେ ଜିଲାପାଳ

ଏମାର ମଠ ଚକଡ଼ାରେ ପ୍ରସ୍ତୁତ ହୋଇଥିଲା ମଞ୍ଚ। କାର୍ଯ୍ୟସୂଚୀ ଅନୁଯାୟୀ ଗୋଟିକ ପରେ ଗୋଟିଏ କାର୍ଯ୍ୟକ୍ରମ ଚାଲିଥିଲା। ଆଉ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବସି ଶେଷ ପର୍ଯ୍ୟନ୍ତ ସବୁ କାର୍ଯ୍ୟକ୍ରମକୁ ଦେଖିଥିଲେ ଜିଲାପାଳ ବଲୱନ୍ତ ସିଂ। ଭକ୍ତଙ୍କ ସହ ତାଳ ଦେଇ ବୋଲୁଥିଲେ ଆହେ ନୀଳ ଶଇଳ... ପ୍ରାର୍ଥନା। ଶେଷରେ ସଂକୀର୍ତ୍ତନ ଦଳ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ମଧ କରିଥିଲେ। ଶ୍ରଦ୍ଧାଳୁଙ୍କ ମଧ୍ୟରେ ତଳେ ବସି କାର୍ଯ୍ୟକ୍ରମ ଦେଖୁଥିବା ନେଇ ଜିଲାପାଳଙ୍କୁ ଅନେକ ବ୍ୟକ୍ତି ବେଶ୍ ପ୍ରଶଂସା କରୁଥିବା ଶୁଣିବାକୁ ମିଳିଥିଲା।



ପିଲାମାନେ ଯୋଗରେ ନରସିଂହ ଅବତାର ପ୍ରଦର୍ଶନ କରୁଛନ୍ତି ।



ସଂକୀର୍ତ୍ତନ ଦଳ ସହ ବିଦେଶୀ ଭକ୍ତ ଶ୍ରୀମନ୍ଦିର ପରିକ୍ରମା କରୁଛନ୍ତି।



ନୃତ୍ୟଶିଳ୍ପୀମାନେ ନୃତ୍ୟରେ ଗୀତଗୋବିନ୍ଦ ପରିବେଷଣ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ବରୁଣ



ବିଶ୍ୱଜିତ୍



ଦିବ୍ୟଲୋଚନ



ପୃଥ୍ୱୀରାଜ



ସିଦ୍ଧାନ୍ତ



ରେହାନ୍



ଲୁଲି



ସୁଧୀର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

ଅହଂକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନରେ
ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର




ଭୁବନେଶ୍ୱର ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଲଣ୍ଡନର ଲି ପ୍ୟାଲେସ୍ ସଦୃଶ ତୋରଣ।


ଭୁବନେଶ୍ୱର ଅଶୋକ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ନିର୍ମିତ ତୋରଣ।


ଭୁବନେଶ୍ୱର ନୟାପଲ୍ଲୀ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ନିର୍ମିତ ତୋରଣ।

## କଟକ


ଅଲିଶା ବଜାର


ଚାନ୍ଦିନୀଚୌକ


ଦରଘା ବଜାର


କାଜୀବଜାର


ଚୌଧୁରୀ ବଜାର


କଟକ ଜିଲା ଅନ୍ତର୍ଗତ ନରସିଂହପୁରସ୍ଥିତ ଲକ୍ଷ୍ମୀ ବଜାର ପୂଜା ମଣ୍ଡପ

## ଭୁବନେଶ୍ୱର


ୟୁନିଟ୍-୯ ଫ୍ରେଣ୍ଡସ୍ କ୍ଲବ


ବମିଖାଲ ଦୁର୍ଗାପୂଜା ସମିତି


ଲକ୍ଷ୍ମୀସାଗର ମେଳଣ ପଡ଼ିଆ


ପୁରୁଣା ଷ୍ଟେଶନ ବଜାର


ବାଣୀବିହାର ଟ୍ରାଫିକ୍ ଛକ


ରୂପାଲି ଛକ ବାୟାବାବା ଗଜଲକ୍ଷ୍ମୀ ପୂଜା ସମିତି


ବୁଦ୍ଧେଶ୍ୱରୀ କଲୋନୀ


କଟକ ରୋଡ ବ୍ୟବସାୟୀ ସଂଘ

## ପୁରୀ


ପୁରୀ ଘରୋଇ ବସ୍ ମାଲିକସଂଘ


ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସାଇ ପୂଜା କମିଟିର ମା’ଗଜଲକ୍ଷ୍ମୀ ମୂର୍ତ୍ତି।


ତ୍ରିଶକ୍ତି କ୍ଲବ

## ଖୋର୍ଦ୍ଧା


କୋର୍ଟ ସମ୍ମୁଖ ଲକ୍ଷ୍ମୀପୂଜା ମଣ୍ଡପ


ନୂଆ ବସ୍‌ଷ୍ଟାଣ୍ଡ


ନୟାଗଡ଼ ରୋଡ୍ ତାରିଣୀ ମନ୍ଦିର



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୫ ଜୁଆଡ଼ି ଗିରଫ

**ଭୁବନେଶ୍ୱର/ପାତ୍ରପଡା,୧୩।୧୦ (ବ୍ୟୁରୋ/ ଡି.ଏନ.ଏ.):** ଖଣ୍ଡଗିରି ଥାନା ଭରତପୁର କାଠଗୋଲା ୫ ନମ୍ବର ପଡିଆରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୫ ଜଣ ଜୁଆଡିଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ୨୫ ଶହ ଟଙ୍କା ଓ ତାସ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି। ଗିରଫ ଜୁଆଡିମାନେ ହେଲେ ଭରତପୁର ୟୁନିଟ-୬ର ବିକ୍ରମ ନାୟକ(୨୬), ୟୁନିଟ-୫ର ସଦାଶିବ ପଲେଇ(୨୪), ରାଇରଙ୍ଗପୁରର ଯୁଧିଷ୍ଠିର ମହାକୁଡ(୩୨), ଭରତପୁରର କେ. ଶିବଶଙ୍କର ରାଓ(୨୪) ଓ ଗଞ୍ଜାମ ପାଟପୁରର ରବି କୁମାର ବିଶୋଇ(୩୦)। ସେମାନଙ୍କ ବିରୋଧରେ ପୋଲିସ ନଂ.୫୬୯/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଉକ୍ତ ପଡ଼ିଆରେ ପ୍ରତିଦିନ ଜୁଆଆଡ୍ଡା ଜମେ। ଜୁଆଡିମାନେ ସେଠାରେ ବିଭିନ୍ନ ପ୍ରକାର ନିଶା ଖାଇ ଜୁଆ ଖେଳିଥାନ୍ତି। ଏପରିକି ସେହି ପଡିଆରେ ପାଟିତୁଣ୍ଡ କରିଥାନ୍ତି। ଶନିବାର ରାତି ପ୍ରାୟ ୧୧ଟାରେ ଖବରପାଇ ପୋଲିସ ସେଠାରେ ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ୫ ଜଣ ଜୁଆଡିଙ୍କୁ କାବୁ କରିବା ସହ ୩ ଜଣ ଖସି ପଳାଇଥିଲେ।

### ମନ୍ଦିରରୁ ଚୋରି ଅଷ୍ଟଧାତୁ ମୂର୍ତ୍ତି, ଟଙ୍କା ଉଦ୍ଧାର: ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୩।୧୦-** ବାଣପୁର ଥାନା ଭୀମପୁର ମାଳିସାହ ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରରୁ ଅଷ୍ଟଧାତୁର ମୂର୍ତ୍ତି, ଟଙ୍କା ଲୁଟ୍ ଏବଂ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଅଭିଯୋଗରେ ଭୀମପୁର ମାଳିସାହିର ଦୀପକ କୁମାର ତ୍ରିପାଠୀ (୨୦)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପୋଲିସ ଅଭିଯୁକ୍ତଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦେଇଛି। ଥାନାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁନୀଲ କୁମାର ମହାନ୍ତି ଓ ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, ମାଳିସାହିର ଦୀପକ ଶନିବାର ବିଳମ୍ବିତ ରାତିରେ ବାଣପୁର ତହସିଲ ରୋଡ, ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ଓ ଏଚଡିଏଫ୍‌ସିର ଦୁଇଟି ଏଟିଏମ ଭାଙ୍ଗି ଟଙ୍କା ଲୁଟିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଉଦ୍ୟମ ବ୍ୟର୍ଥ ଯିବା ପରେ ଭୋର ସମୟରେ ନିଜ ଗ୍ରାମ ମାଳିସାହି ନିକଟସ୍ଥ ୪ ଶହ ବର୍ଷ ତଳର ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରଠାରେ ପହଞ୍ଚି କବାଟର ତାଲା ଭାଙ୍ଗି ଅଷ୍ଟଧାତୁରେ ନିର୍ମିତ ରାଧାକୃଷ୍ଣ, ଗୁରୁଣ୍ଡି ଗୋପାଳ, ଲକ୍ଷ୍ମୀନାରାୟଣ, ରାମଲକ୍ଷ୍ମଣ, ସୀତା ସମେତ ଘଣ୍ଟି, ଘଣ୍ଟ ଥାଳି, ଛତି, ଚକ୍ର ଓ ୪ ହଜାର ଖୁଚୁରା ଟଙ୍କା ଚୋରାଇ ନେଇଥିଲେ। ରବିବାର ପୂର୍ବାହ୍ନରେ ପୂଜାରୀ ନରେଶ କୁମାର ଦାଶ ମନ୍ଦିର ନୀତିକାନ୍ତି କରିବାକୁ ଆସିବା ବେଳକୁ ମନ୍ଦିର କବାଟ ତାଲା ଭଙ୍ଗା ଯାଇଥିବା ସହ ମନ୍ଦିରର ସିଂହାସନ ସମ୍ପୂର୍ଣ୍ଣ ଖାଲି ପଡ଼ିଥିବା ନେଇ ମନ୍ଦିରର ମାର୍ଫତ୍ ସୁନୀଲ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ସୁନୀଲଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୫୭, ୩୮୦ରେ ନଂ. ୨୭୯/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସନ୍ଦେହରେ ଦୀପକଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ଚୋରି ଘଟଣା ଜଣାପଡିଥିଲା। ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଦୀପକଙ୍କୁ କାବୁ କରି ସମସ୍ତ ମୂର୍ତ୍ତି, ଟଙ୍କା ସମେତ ବ୍ୟବହୃତ ବାଇକ୍‌କୁ ମଧ ଜବତ କରିଥିଲା। ପରେ ଦୁଇଟି ଏଟିଏମ୍ ଭାଙ୍ଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା।

# ଏକାମ୍ର କ୍ଷେତ୍ରରେ ହବିଷିଆଳିଙ୍କ ଭିଡ଼

**ପୁରୁଣା ଭୁବନେଶ୍ୱର, ୧୩।୧୦ (ଡି.ଏନ.ଏ.)**



ଶ୍ରୀଲିଙ୍ଗରାଜଙ୍କ ଦାମୋଦର ବେଶ।(ଫାଇଲ୍ ଫଟୋ)

ସୋମବାର ପହିଲି କାର୍ତ୍ତିକ। ଧର୍ମମାସ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ହବିଷିଆଳିମାନେ ରଖିବେ ମାସତମାମ ବ୍ରତ। ଏହାସହ ଶ୍ରୀଲିଙ୍ଗରାଜ ସୋମବାର ଦାମୋଦର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ଏକାମ୍ର କ୍ଷେତ୍ର ଆହୁରି ଚଳଚଞ୍ଚଳ ହୋଇ ଉଠିଛି। ରବିବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହବିଷିଆଳିଙ୍କ ଆଗମନ ହୋଇଛି। ଏଠାରେ ଥିବା ମଠ ଓ ମନ୍ଦିରରେ ମାସତମାମ ନିଷ୍ଠା ସହ ରହି ସେମାନେ ଏହି ବ୍ରତ ପାଳନ କରିବେ। ବିନ୍ଦୁସାଗର କୂଳସ୍ଥ ଜୁଧୱାଲା ଧର୍ମଶାଳାରେ କୋରାପୁଟ, ରାୟଗଡା, ରାଉରକେଲା, ନୟାଗଡ, ଭୁବନେଶ୍ୱରରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହବିଷିଆଳି ଆସି ରହିଛନ୍ତି। ସୋମବାର ମଧ ଅନେକ ବ୍ରତଧାରୀ ଧର୍ମଶାଳାରେ ରହିବାକୁ ଥିବା କେୟାରଟେକର ରଣଜିତ୍ ବଟୁ କହିଛନ୍ତି। ପ୍ରତିବର୍ଷ ଭଳି ବ୍ରତଧାରୀଙ୍କ ପାଇଁ ରହିବା, ଖାଇବା, ପାନୀୟ ଜଳର ସୁବିଧା, ଚିକିତ୍ସା ଭଳି ଅନ୍ୟାନ୍ୟ ସୁବିଧାର ବନ୍ଦୋବସ୍ତ କରାଯାଇଥିବା ସେ କହିଛନ୍ତି।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ବ୍ୟବସ୍ଥା

କାର୍ତ୍ତିକ ମାସ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦୈନନ୍ଦିନ ନୀତି, ଆଳତି ଓ ଅବକାଶ ସରିବା ପରେ ସକାଳ ପ୍ରାୟ ସାଢେ ୯ଟାରେ ଦର୍ଶନ ବନ୍ଦ ହେବ। ଏହା ପରେ ଛାମୁ ପରିଷ୍କାର ଓ ମହାସ୍ନାନ କରାଯିବ। ଏହି ଅବସରରେ ଶକ୍ତିରେ ରୁପାରେ ନିର୍ମିତ ମହାପ୍ରଭୁ ଦାମୋଦରଙ୍କ ମୁଖା ଲାଗି ହେବ। ପରେ ଭୋଗ ମଣ୍ଡପ ଶେଷ ହୋଇ ପୁଣି ବେଶ, ସନ୍ଧ୍ୟା ଧୂପରେ ପୁନଃ ଦାମୋଦର ମୁଖା ଠାକୁରଙ୍କୁ ଲାଗି ହେବ। ଏହି ଅପୂର୍ବ ଦର୍ଶନ ଶ୍ରଦ୍ଧାଳୁ ଓ ହବିଷିଆଳିମାନେ କରିଥାନ୍ତି। କାର୍ତ୍ତିକ ମାସ ସାରା ୨ ଥର ଦାମୋଦର ବେଶ ଲାଗି ହୋଇଥାଏ। ଏହି ଦର୍ଶନ ଯେଉଁମାନେ କରିଥାନ୍ତି ପୁନଃ ଜନ୍ମ ମୋକ୍ଷ ହୋଇ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

## ଏମାନେ ଯାହା କୁହନ୍ତି...

### ୧୦ ବର୍ଷ ହେଲା ଶ୍ରୀଲିଙ୍ଗରାଜଙ୍କଠାରେ ବ୍ରତ ରଖୁଛି



ଘର ବୋଲଗଡ ହୋଇଥିବା ବେଳେ ସେ ଏଠାରେ ସାଲିଆସାହିରେ ପିଲାମାନଙ୍କ ପାଖରେ ରହୁଛନ୍ତି। ଆଗରୁ ୧୫ ବର୍ଷ ଧରି ପୁରୀ ଯାଉଥିଲେ। ଏବେ ୧୦ ବର୍ଷ ହେଲାଣି ଶ୍ରୀଲିଙ୍ଗରାଜଠାରେ ବ୍ରତ ରଖୁଛନ୍ତି।

*-ଜେନାମଣି ମିଶ୍ର, ହବିଷିଆଳି, ସାଲିଆସାହି*

### ପୁରୀରେ ମଠ ଭଙ୍ଗା ଯାଇଥିବାରୁ ଏଠାକୁ ଏବର୍ଷ ଆସିଛି



ମୋର ଏଠାକୁ ଆସିବା ପ୍ରଥମଥର। ପୂର୍ବରୁ ପୁରୀ ଯାଉଥିଲି। ଏବର୍ଷ ପୁରୀରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ମଠ ଭଙ୍ଗାଯାଇଛି। ସେଥିପାଇଁ ଶ୍ରୀଲିଙ୍ଗରାଜ ଦର୍ଶନ ପୂର୍ବକ ଧର୍ମଶାଳାରେ ରହି ବ୍ରତ କରିବି।

*- ଦୁଲା ପ୍ରହରାଜ, ହବିଷିଆଳି, ଲକ୍ଷ୍ମୀସାଗର*

### ଶ୍ରୀଲିଙ୍ଗରାଜ ପୀଠ ଓ ପରିବେଶ ବହୁତ ଭଲ



୩ ବର୍ଷ ହେଲାଣି ଏଠାକୁ ଆସୁଛି। ଶ୍ରୀଲିଙ୍ଗରାଜଙ୍କ ଦାମୋଦର ବେଶ ଦର୍ଶନ କରିବା ସହ ଏହି ଧର୍ମଶାଳାରେ ଅନ୍ୟ ହବିଷିଆଳିଙ୍କ ସହ ରହି ବୃନ୍ଦାବତୀଙ୍କ ପୂଜନ କରିବି। ଶ୍ରୀଲିଙ୍ଗରାଜ ପୀଠ ଓ ପରିବେଶ ବହୁତ ଭଲ।

*- ଇନ୍ଦୁମତି ନନ୍ଦ, ହବିଷିଆଳି, କଳାପଥର*

# ଜାମ୍ ହେଉଛି ରସୁଲଗଡ଼ ରେଲ୍‌ୱେ ଓଭରବ୍ରିଜ

## ରେଲ୍‌ୱେ ଜିଏମ୍‌ଙ୍କ ସହ ପୋଲିସ କମିଶନରଙ୍କ ଆଲୋଚନା

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

ରାଜଧାନୀରେ ଦିନକୁ ଦିନ ଗାଡ଼ିମୋଟର ସଂଖ୍ୟା ବଢ଼ି ଚାଲିଛି। ଏହା ମଧଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥରେ ମଧ ଭିଡ଼ ବଢୁଛି। ବିଶେଷକରି ଜାତୀୟ ରାଜପଥର ରସୁଲଗଡ଼ ରେଲ୍‌ୱେ ଓଭରବ୍ରିଜ୍‌ରେ ଟ୍ରାଫିକ ଜାମ୍ ସ୍ଥିତି ଜଟିଳ ହେବାରେ ଲାଗିଛି। ପୂର୍ବାହ୍ନ ଓ ସନ୍ଧ୍ୟାରେ ଅଧିକ ଭିଡ଼ ହେଉଥିବାରୁ ଲୋକେ ବହୁ ସମୟ ଧରି ଫସି ରହୁଛନ୍ତି। ଏଥିଯୋଗୁ ଦୁର୍ଘଟଣା ମଧ ଘଟୁଛି। ଲୋକେ ଅନେକ ସମୟରେ ସ୍ଥାନୀୟ ପୋଲିସ ଓ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନି। ନିକଟରେ କେତେଜଣ ଲୋକ ଟୁଇଟ୍ ମାଧ୍ୟମରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଜଣାଇବା ପରେ ସେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏନେଇ କମିଶନର ଷଡ଼ଙ୍ଗୀ ଇଷ୍ଟକୋଷ୍ଟ ରେଲ୍‌ୱେ ସାଧାରଣ ପରିଚାଳକ (ଜିଏମ୍)ଙ୍କ ସହ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ ପରେ ଖୁବ୍‌ଶୀଘ୍ର ଉକ୍ତ ରେଲ୍‌ୱେ ଓଭର ବ୍ରିଜ୍‌କୁ ଚଉଡ଼ା କରାଯିବାକୁ ପ୍ରତିଶ୍ରୁତି ମିଳିଥିବା ଷଡ଼ଙ୍ଗୀ ଟୁଇଟ୍ କରି ଜଣାଇଛନ୍ତି।

ଅନ୍ୟପକ୍ଷରେ ପୋଲିସ କମିଶନରଙ୍କ ଏହି ଟୁଇଟ୍ ପରେ ରେଲ୍‌ୱେ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡିଛନ୍ତି। ୩ ଲାଇନ୍ ରେଲ୍‌ୱେ ଟ୍ରାକ୍ କାର୍ଯ୍ୟ ଚାଲିଥିବାବେଳେ ଏହି ଭରବ୍ରିଜ୍ ନିକଟରେ ଅଟକି ରହିଛି। ତେଣୁ ଏହି ବ୍ରିଜ୍‌କୁ ଭାଙ୍ଗି କେବଳ ଲମ୍ବା କରିବା ପାଇଁ ରେଲ୍‌ୱେ ପକ୍ଷରୁ ଯୋଜନା କରାଯାଇଛି। ଏଥିପାଇଁ ନକ୍ସା ପ୍ରସ୍ତୁତ ହେବା ସହ ୩୫ କୋଟି ଟଙ୍କା ବଜେଟ ମଧ ହୋଇଛି। ସେହିଭଳି ଟେଣ୍ଡର ମଧ ସରିଛି। ଏବେ ଉକ୍ତ ବ୍ରିଜ୍‌କୁ ଚଉଡ଼ା କରାଯିବାର ଆବଶ୍ୟକତା ଥିବାରୁ ଉକ୍ତ ନକ୍ସାକୁ ବଦଳାଇବା ସହ ବଜେଟ ଓ ସମୟ ମଧ ବଢ଼ାଇବାକୁ ପଡିବ, ଯାହା ରେଲ୍‌ୱେ ପାଇଁ ପୁଣି ସମସ୍ୟା ସୃଷ୍ଟି କରିବ। ତେଣୁ ଏସବୁକୁ ନେଇ ରେଲ୍‌ୱେ ପଦକ୍ଷେପ ଗ୍ରହଣ କରିବା ଓ ଟ୍ରାଫିକ ସମସ୍ୟା ସୁଧୁରିବା ନେଇ ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଚନ୍ଦ୍ରଶେଖର

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

ସାହିତ୍ୟିକ ଚନ୍ଦ୍ରଶେଖର ରଥ କେବଳ ସାହିତ୍ୟ ସୃଷ୍ଟି ନୁହେଁ, ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଏକ ଶୃଙ୍ଖଳିତ ଓ ସ୍ୱୟଂସମ୍ପୂର୍ଣ୍ଣ ଜୀବନ ନେଇ ବଞ୍ଚିବା ସହ ସେ ସୃଜନଧାରାରେ ଥିଲେ ଅନୁପମ ଓ ଆକର୍ଷଣୀୟ। ତାଙ୍କର ପାଣ୍ଡିତ୍ୟ, ପ୍ରତିଭା, ଅନୁଶୀଳନ ଓ କଳାତ୍ମକ ଦୃଷ୍ଟିକୋଣ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚନ୍ଦ୍ରଶେଖର ରଥ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି।

ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ମହାନ ଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ତାଙ୍କ ସାହିତ୍ୟ ସର୍ଜନା, କଳାତ୍ମକ ଜୀବନର ଗଭୀରତା, ତରୁଣ ଲେଖକମଙ୍କ ପ୍ରତି ମାନବିକତା ଏବଂ ସହୃଦୟତା ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଥିଲା। ବାସ୍ତବ ଜୀବନରେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟ ସ୍ରଷ୍ଟାଭାବେ ପ୍ରତିଷ୍ଠିତ ହୋଇପାରିଥିଲେ ବୋଲି ଆଚାର୍ଯ୍ୟ କହିଥିଲେ। ବିଶିଷ୍ଟ ସମାଲୋଚକ ଡ. ଦେବେନ୍ଦ୍ର କୁମାର ଦାଶ, ଲେଖକ ଓ ପ୍ରକାଶକ ମନୁ ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ସାହିତ୍ୟିକ ଚନ୍ଦ୍ରଶେଖରଙ୍କ କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ। ପ୍ରଫେସର ବାଉରୀବନ୍ଧୁ କର ଅତିଥି ପରିଚୟ ଓ ଆଲୋଚକ ଡ. ଦେବାଶିଷ ପାତ୍ର ଜୟନ୍ତୀ ସଭା ସଞ୍ଚାଳନ କରିଥିଲେ। ଚନ୍ଦ୍ରଶେଖର ରଥଙ୍କ ପୁଅ ଶଶୀଭୂଷଣ ରଥଙ୍କ ସହ ସୌରୀବନ୍ଧୁ କର, ଡ. ଅସିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପିପୁଲସ୍ ଫର୍ ସେବା ସଂସ୍ଥା ପକ୍ଷରୁ ରବିବାର ଏଜି ଛକଠାରେ ଟ୍ରାଫିକ୍ ସଚେତନତା କରୁଛନ୍ତି।

### ମୋଷ୍ଟ ୱାଣ୍ଟେଡ ପ୍ରଫୁଲ୍ଲଙ୍କୁ ୪ ଦିନିଆ ରିମାଣ୍ଡରେ ନେବ ଏସ୍‌ଟିଏଫ୍

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

ଖୋର୍ଦ୍ଧା ଟାପଙ୍ଗ ଅଞ୍ଚଳରେ ବେଆଇନ ପଥର ଉତ୍ତୋଳନ ଓ ଅସ୍ତ୍ରଶସ୍ତ୍ର କାରବାରରେ ଗିରଫ ଅଭିଯୁକ୍ତ ପ୍ରଫୁଲ୍ଲ କୁମାର ନାୟକ ଓରଫ ଗୁନାଙ୍କୁ ରିମାଣ୍ଡରେ ଆଣିବ ଏସଟିଏଫ। ଗତ ୧୦ ତାରିଖରେ ପ୍ରଫୁଲ ଏବଂ ସହଯୋଗୀ ଅବନୀକାନ୍ତ ସାମନ୍ତରାୟଙ୍କୁ ଏସ୍‌ଟିଏଫ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହା ସହ ୪ଦିନ ରିମାଣ୍ଡରେ ଆଣିବାକୁ ଆବେଦନ କରିଥିଲା। ପ୍ରଫୁଲ୍ଲଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ଭୁବନେଶ୍ୱର ଏସଡିଜେଏମ ଶନିବାର ସ୍ୱୀକୃତି ପ୍ରଦାନ କରିଛନ୍ତି। ସୋମବାର ପ୍ରଫୁଲ୍ଲଙ୍କୁ ଏସଟିଏଫ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବେଆଇନ ଖଣି ଉତ୍ତୋଳନକୁ ନେଇ ତନାଘନା କରୁଛି ଏସ୍‌ଟିଏଫ୍। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ପାହାଡ ଓ ଜମି ଅଞ୍ଚଳରୁ ବେଆଇନ ପଥର ଉତ୍ତୋଳନ ନେଇ ଏସଟିଏଫ ଗତ ଜୁଲାଇ ୧ରେ ଏକ ମାମଲା (ନଂ. ୭/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାଲାରେ ସମ୍ପୃକ୍ତ ଥିବା ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପ୍ରଫୁଲ୍ଲ ବାହାର ରାଜ୍ୟରୁ ପିସ୍ତଲ ଆଣି ପୁରୀ, କଟକ, ଭଦ୍ରକ ଓ ଭୁବନେଶ୍ୱରରେ ଯୋଗାଉଥିଲା। ପ୍ରଫୁଲ୍ଲ ବେଆଇନ ଅସ୍ତ୍ରଶସ୍ତ୍ର କାରବାରରେ ଖୋର୍ଦ୍ଧା ଥାନାରେ ୫ଟି ମାମଲା ରହିଥିବାବେଳେ ସେ ଫେରାର ରହିଥିଲା।

# ଗୋକୁଲ୍‌ର ନୂଆ ଆଉଟଲେଟ୍

**ଭୁବନେଶ୍ୱର,୧୩।୧୦**





ଗୋକୁଲ୍ ବେକରିର ୧୧ତମ ଆଉଟ୍‌ଲେଟ କଟକର କଲେଜ ଛକଠାରେ ଖୋଲିଛି। ଗୋକୁଲର ପ୍ରତିଷ୍ଠାତା ଅଶୋକ ଅଗରୱାଲ ଏବଂ ଅମିତ ସିଂଘାନିଆ ଏହାକୁ ଉନ୍ମୋଚନ କରିଥିଲେ। ଏଠାରେ ଗ୍ରାହକମାନେ ବେକରି ଉତ୍ପାଦ, ଡିଜାଇନର କେକ୍, କୁକିଜ୍, ପିଜା, ବର୍ଗର, ସ୍ନାକ୍ସ, ମକ୍‌ଟେଲ, ଆଇସକ୍ରିମ ଓ ନାଚୁରାଲ ଜଲାଟୋ ଆଇସକ୍ରିମ, ପ୍ୟାଷ୍ଟ୍ରି ଏବଂ ସାଣ୍ଡୱିଚ୍ ଲାଭ କରିପାରିବେ। ଏଠାରେ ଉପଲବ୍ଧ ସମସ୍ତ ପ୍ରଡକ୍ଟ ୧୦୦% ଶାକାହାରୀ। କଟକରେ ପ୍ରଥମ ଷ୍ଟୋର ଖୋଲି ଅତ୍ୟନ୍ତ ଖୁସି ବୋଲି ପ୍ରତିଷ୍ଠାତା ଅଶୋକ ଅଗରୱାଲ କହିଛନ୍ତି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି ବୋଲି ସହ ପ୍ରତିଷ୍ଠାତା ଅମିତ ସିଂଘାନିଆ କହିଛନ୍ତି। ୧୯୯୭ରେ ସ୍ଥାପନ ହୋଇଥିବା ଏହି କମ୍ପାନୀ ସମ୍ବଲପୁର, ଝାରସୁଗୁଡା, ବରଗଡ, ବୁର୍ଲା ଏବଂ ଭୁବନେଶ୍ୱରର ୨ଟି ଷ୍ଟୋର ସହ ସେବା ଯୋଗାଉଛି।

■ ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟର ଦଶମ ବାର୍ଷିକୋତ୍ସବ

# ଓଡ଼ିଶୀ, ପଲ୍ଲୀ ନୃତ୍ୟ ମନମୋହିଲା

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

'ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ'ର ଦଶମ ବାର୍ଷିକ ଉତ୍ସବ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିବା ପଲ୍ଲୀ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ବିଶେଷ ଆକର୍ଷିତ କରିଥିଲା। ଯାହାକି ବାର୍ଷିକ ଉତ୍ସବ ସନ୍ଧ୍ୟାର କେନ୍ଦ୍ରବିନ୍ଦୁ ସାଜିଥିଲା। ଶ୍ରୀରାଧା କଳାକୁଞ୍ଜର ଶିଳ୍ପୀମାନେ ପ୍ରଥମେ ମଙ୍ଗଳା ଚରଣରେ 'ଜୟ ଜୟ ପ୍ରଭୁ ଗଜାନନ', ପରେ 'ବସନ୍ତ ପଲ୍ଲବୀ', 'ବିଲାହାରୀ ପଲ୍ଲବୀ' ଓ ନୃତ୍ୟାଭିନୟରେ 'ଅଷ୍ଟଲକ୍ଷ୍ମୀ', 'ବ୍ରଜେ ବସନ୍ତଂ ନବନିତ ଚୌରଂ', 'ମିତ ଚାହାଁରେ ପରା'କୁ ପରିବେଷଣ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଗୁରୁ ପ୍ରଫୁଲ୍ଲ କର ଅତିଥି ଭାବେ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଓଡ଼ିଆ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ ଏବଂ ମର୍ଦ୍ଦଳ ବାଦକ ଗୁରୁ ଧନଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବାଦ୍ୟଯନ୍ତ୍ର ସହଯୋଗିତାରେ ଗୁରୁ ଏକଲବ୍ୟ ମୁଦୁଲି (ମର୍ଦ୍ଦଳ), ଗୁରୁ ବାଳକୃଷ୍ଣ ଜେନା (କଣ୍ଠ ସଙ୍ଗୀତ), ଗୁରୁ ଦୟାନିଧି ବେହେରା (ବେହେଲା), ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ (ସୀତାର) ଏବଂ ଗୁରୁ ଦିଲୀପ କୁମାର (ମିରା) ସହଯୋଗ କରିଥିବାବେଳେ ଗୁରୁ ମନୋରଞ୍ଜନ ପ୍ରଧାନ ନୃତ୍ୟ ସଂଯୋଜନା ଦେଇଥିଲେ। ଗୁରୁ ମୀନତି ପ୍ରଧାନ, ସଞ୍ଜିତ କୁମାର ପ୍ରଧାନ, ଉଦ୍ଧବ ଭୋଇ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମକୁ ଡ.ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ନୃତ୍ୟଗୁରୁ, କଳାକାର, କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ ଏବଂ ଦର୍ଶକ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**କଟକ ରୋଡ, ୧୩।୧୦ (ଡି.ଏନ୍.ଏ.):** ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ରମାକାନ୍ତ ନନ୍ଦ। ପୋଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ଯୁବତୀ ଜଣକ ଲକ୍ଷ୍ମୀସାଗର ଥାନା ଅଧୀନ ବମିଖାଲ ଅଞ୍ଚଳରେ ଯାଉଥିବା ବେଳେ ରମାକାନ୍ତ ତାଙ୍କୁ ଟଣାଓଟରା ସହ ଅସଦାଚରଣ କରିଥିଲେ। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୯୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଭୁଶୁଡ଼ିଲା ଘର କାନ୍ଥ ଅଳ୍ପକେ ବର୍ତ୍ତିଲେ ଦିବ୍ୟାଙ୍ଗ ମା'ପୁଅ

**ନିମାପଡ଼ା,୧୩।୧୦(ଡି.ଏନ୍.ଏ.):** ନିମାପଡ଼ା ଏନ୍‌ଏସି ଅଫିସର ୩ଶହ ମିଟର ଦୂରରେ ଥିବା ଗୁଣ୍ଡିଚାବାଡି କଲୋନୀର ଏକ ଜରାଜୀର୍ଣ୍ଣ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦିବ୍ୟାଙ୍ଗ ମା'ପୁଅ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁଣ୍ଡିଚାବାଡି କଲୋନୀର ଏକ ଜରାଜୀର୍ଣ୍ଣ ଘରେ ଦିବ୍ୟାଙ୍ଗ ଅନ୍ନପୂର୍ଣ୍ଣା ସ୍ୱାଇଁ ଓ ତାଙ୍କ ପୁଅ ଭାଗବତ ସ୍ୱାଇଁ ଆଶ୍ରୟ ନେଇଛନ୍ତି। ଶନିବାର ସକାଳେ ବର୍ଷା ଯୋଗୁ ହଠାତ୍ ତାଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଅନ୍ନପୂର୍ଣ୍ଣା ତାଙ୍କ ପୁଅ ଆହତ ହୋଇଥିଲେ।

## ଫଟୋରେ ଖବର



ରସୁଲଗଡ଼ ଶିଳ୍ପାଞ୍ଚଳରେ ଅନୁଷ୍ଠିତ ଗଜଲକ୍ଷ୍ମୀ ବେଶ।



ୟୁନିଟ୍-୯ସ୍ଥିତ ରିଜିଓନାଲ ଛକଠାରେ ଆୟୋଜିତ ଗଜଲକ୍ଷ୍ମୀ ବେଶ।



କଟକରୋଡ଼ସ୍ଥିତ ବଙ୍ଗାଳୀ କଲୋନୀରେ ମା'।



ସୂଚନା ଭବନରେ ରବିବାର ୟୁଥ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ୧୯ତମ କୁମାରୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

**ସାଲେପୁର,୧୩।୧୦(ଡି.ଏନ.ଏ.):** ସାଲେପୁର ବଜାରର ବିଜୁ ପଟ୍ଟନାୟକ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ୍ ଜଣେ ଯୁବକଙ୍କୁ ଧକ୍କାଦେବା ସହ ତାଙ୍କ ଉପରେ ଚଢ଼ିଯାଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପାରାଦୀପ ଅଞ୍ଚଳର ସିଦ୍ଧେଶ୍ୱର ଗୋଚ୍ଛାୟତ(୪୩)। ସେ ଦୀର୍ଘଦିନ ହେବ ସାଲେପୁର ଥାନା ଅଧୀନ ବାଲିସାହି ପଞ୍ଚାୟତ ରୋଧପୁର ଗ୍ରାମରେ ରହୁଥିଲେ। ଏଥିସହିତ ପୂର୍ବରୁ ସାଲେପୁର ଥାନାରେ ସୁଇପର କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରେ ସିଦ୍ଧେଶ୍ୱର କୌଣସି କାର୍ଯ୍ୟରେ ବଜାରକୁ ଯାଇଥିଲେ। ଟ୍ରକ୍‌ଟି କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବାବେଳେ ତାଙ୍କୁ ଧକ୍କା ଦେବା ସହ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସିଦ୍ଧେଶ୍ୱର ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ କୋର୍ଟଚାଲାଣ

**ନରସିଂହପୁର,୧୩।୧୦(ଡି.ଏନ.ଏ.):** ନରସିଂହପୁର ବ୍ଲକ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ଏନେଇ ରବିବାର କାନପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦଫା ୩୨୩, ୨୯୪, ୩୪୨, ୩୭୬, ୫୦୬, ୩୪ରେ ଏକ ମାମଲା ନଂ-୮୪/୧୯ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଥାନା ଅଞ୍ଚଳର ଚନ୍ଦ୍ରକାନ୍ତ ମଲ୍ଲିକ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁସାରେ, ମହିଳା ଜଣଙ୍କ ଶନିବାର ସକାଳ ପ୍ରାୟ ୯ଟାରେ ଘରେ ଠାକୁର ପୂଜା କରୁଥିଲେ। ଘରେ ଆଉ କେହି ନ ଥିଲେ। ଏହି ସମୟରେ ହଠାତ୍ ଚନ୍ଦ୍ରକାନ୍ତ ଆସି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିଥିଲେ। ହେଲେ ଚନ୍ଦ୍ରକାନ୍ତ କିଛି ମାନି ନ ଥିଲେ। ସେ ତାଙ୍କ ହାତକୁ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ପରେ ବଳାତ୍କାର କରି ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ମହିଳାଙ୍କ ଶ୍ୱଶୁର ଆସିବାରୁ ଘଟଣା ସମ୍ପର୍କରେ ଜାଣିଥିଲେ। ମହିଳାଙ୍କ ସ୍ୱାମୀ ଓ ଶାଶୁ ନୟାଗଡ଼ ଜିଲାର ଗଣିଆକୁ ଯାଇଥିଲେ। ମହିଳା ତାଙ୍କୁ ଫୋନ କରି ଘରକୁ ଡାକି ଏକଥା ଜଣାଇଥିଲେ। ଏହାପରେ ଆସି ଥାନାରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଥାନା ଅଧିକାରିଣୀ ସସ୍ମିତା ରଣା କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯିବା ସହ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏଥିସହିତ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆଉ ଯାହା ଜଣାପଡ଼ିବ।

## ବାଙ୍କୀ ମହୋତ୍ସବ ୨୦୧୯ ଉଦ୍‌ଘାଟିତ

# ବାଙ୍କୀର ଐତିହ୍ୟ ସୁଦୂରପ୍ରସାରୀ

**ବାଙ୍କୀ,୧୩।୧୦(ସ୍ୱ.ପ୍ର./ବି.ପ୍ର.)**



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାଙ୍କୀ କଚେରି ପଡ଼ିଆଠାରେ ଆୟୋଜିତ ବାଙ୍କୀ ମହୋତ୍ସବ-୨୦୧୯ ରବିବାର ଉଦ୍‌ଘାଟିତ ହୋଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂର ପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନଠାରୁ ସମବାୟ ଆନ୍ଦୋଳନ ପର୍ଯ୍ୟନ୍ତ ବାଙ୍କୀର ଅବଦାନ ଓଡ଼ିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏମାଚିର ଅନେକ ସୁଯୋଗ୍ୟ ସନ୍ତାନ ସମାଜ ସଂସ୍କାର, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଗୌରବୋଜ୍ଜ୍ୱଳ ଅତୀତ ସହ ବର୍ତ୍ତମାନର ପ୍ରଗତିଶୀଳ ଓଡ଼ିଶାର ଚିତ୍ରକୁ ଯୁବପିଢ଼ିଙ୍କ ପାଖରେ ଉପସ୍ଥାପନ କରାଇବା ପାଇଁ ମହୋତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ। ମହୋତ୍ସବ ଉପଦେଷ୍ଟା ତଥା ଉପଜିଲାପାଳ ଅରୁଣ ବିଶ୍ୱାଳ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ସମସ୍ତଙ୍କ ପାଇଁ ଶାନ୍ତି ବାର୍ତ୍ତା ନେଇଆସିଛି ବୋଲି କହିଥିଲେ। ମହୋତ୍ସବ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅଧ୍ୟକ୍ଷତା କରି କହିଥିଲେ, ୨୦ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବ ଆଜି ଯୁବକତ୍ୱ ଲାଭ କରିଛି। କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଥିଲେ, ବାଙ୍କୀବାସୀଙ୍କ ଅକୁଣ୍ଠ ସମର୍ଥନ ଏହି ଉତ୍ସବକୁ ଏକ ଗଣପର୍ବରେ ରୂପାନ୍ତରିତ କରିଛି। ତେଣୁ ବାଙ୍କୀବାସୀ ଏକାଠି ହୋଇ 'ସବୁଜ, ସମୃଦ୍ଧ ଓ ସ୍ୱଚ୍ଛ ବାଙ୍କୀ' ଗଠନର ଖସଡ଼ାକୁ ଆଉ ଦିପାଦ ଆଗକୁ ନିଅନ୍ତୁ। ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଚିକିତ୍ସା ବିଜ୍ଞାନୀ ଅଶୋକ ଚୌଧୁରୀଙ୍କୁ 'ଚର୍ଚ୍ଚିକା ସମ୍ମାନ' ପ୍ରଦାନ କରାଯାଇଥିଲା। ସାରସ୍ୱତ ସାଧକ ପବନୀ ଜେନାଙ୍କୁ 'ବିଦ୍ୱତ୍ରତ୍ନ', ଶିକ୍ଷାବିତ୍ ଧରମୁ ଧର ଯୁଝାର ସିଂ 'ବିଭୁଷଣ', ନ୍ୟାୟମୂର୍ତ୍ତି ଦେବାଶିଷ ନାୟକ 'ରତ୍ନ', କୃଷକ ପ୍ରଭାକର ବରାଳଙ୍କୁ ବିଭବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳୁ ମା'ଚର୍ଚ୍ଚିକାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ମା'ଙ୍କ ଆଜ୍ଞାମାଳ ଓ ଜ୍ୟୋତି ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମହୋତ୍ସବ ପଡ଼ିଆରେ ଥିବା ପ୍ରଦର୍ଶନୀ ମଣ୍ଡପକୁ ମଧ୍ୟ ଜିଲପାଳ ଚୟନୀ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସମ୍ପାଦକ ପ୍ରକାଶ ବେଉରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ

**ବାଙ୍କୀ,୧୩।୧୦(ସ୍ୱ.ପ୍ର.):** କୁମାର ପୂର୍ଣ୍ଣିମା ଅବସରରେ ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ ରବିବାର ଅନୁଷ୍ଠିତ ହୋଇଛି। ଦେବୀଙ୍କ ଏହି ବେଶ ଦେଖିବା ପାଇଁ ପୀଠରେ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ଦୈନିକ ନୀତିକାନ୍ତି ସହିତ ସକାଳ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନ ମାଜଣାପରେ ଦେବୀଙ୍କୁ କୁମାରୀ ବେଶରେ ସଜ୍ଜିତ କରାଯାଇ କେତକୀ ଫୁଲ ଅର୍ପଣ କରାଯାଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥିଲା।

# ବୃନ୍ଦାବତୀଙ୍କୁ ପୂଜିଲେ କୁମାରୀ



କୁମାରୀମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଆଠଗଡ଼,୧୩।୧୦(ସ୍ୱ.ପ୍ର.):** ଆଠଗଡ଼ ଅଞ୍ଚଳର ପୁରପଲ୍ଲୀରେ ରବିବାର ପାରମ୍ପରିକ ରୀତିରେ କୁମାର ପୂର୍ଣ୍ଣିମା ପାଳିତ ହୋଇଛି। ଏଥିସହିତ ଭାଦ୍ରବ ପୂର୍ଣ୍ଣିମାଠାରୁ କୁମାରୀମାନେ ପରିବାର ଓ ଭାଇଙ୍କ ମଙ୍ଗଳ ମନାସି ରଖିଥିବା ଜହ୍ନିଓଷା ବ୍ରତ ସମାପନ ହୋଇଛି। ଗାଁରୁ ସହର ପର୍ଯ୍ୟନ୍ତ କୁମାରୀମାନେ ମା'ବୃନ୍ଦାବତୀଙ୍କ ଚଉରା ନିକଟରେ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ଚାନ୍ଦ ଦର୍ଶନ କରି ବ୍ରତ ସମାପନ କରିଛନ୍ତି। ଜହ୍ନିଓଷା ଉପଲକ୍ଷେ କୁମାରୀମାନେ ମାସକ ଯାକ ଆମିଷ ଭକ୍ଷଣ ସହ ଜହ୍ନି ଖାଇବା ବାରଣ କରିଥିଲେ। ସକାଳୁ ସ୍ନାନ ସାରି ନବବସ୍ତ୍ର ପରିଧାନ ପୂର୍ବକ ବୃନ୍ଦାବତୀଙ୍କୁ ଜଳଲାଗି କରିଥିଲେ।

# ଶଙ୍କରାଚାର୍ଯ୍ୟଙ୍କ ଗସ୍ତ ପାଇଁ ପ୍ରସ୍ତୁତି

**ନେମାଳ,୧୩।୧୦(ଡି.ଏନ.ଏ.):** ପୁରୀ ଶଙ୍କରାଚାର୍ଯ୍ୟ ଶ୍ରୀଜଗତ୍ ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ଆଗାମୀ ନଭେମ୍ବରରେ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠକୁ ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ଜଗନ୍ନାଥ ପୂଜାପଣ୍ଡା ଆଚାର୍ଯ୍ୟ ସୁଦର୍ଶନ ପୂଜାପଣ୍ଡା ସାମନ୍ତ, ବ୍ରହ୍ମଚାରୀ ମାନସ ଚୈତନ୍ୟ, ଆଦିତ୍ୟବାହନୀ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଚାରଣ ଗୋଷ୍ଠୀର ଅଧ୍ୟକ୍ଷ ଲିଙ୍ଗରାଜ ପତି ପ୍ରମୁଖ ନେମାଳ ପୀଠରେ ପହଞ୍ଚି ସ୍ଥିତି ପରଖିବା ସହ ପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରୀଶ୍ରୀ ଗୋପୀନାଥ ଜୀଉ ଓ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା।

# ଯୁଗ ନିର୍ମାଣ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି,୧୩।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତ ପାଇକରାପୁରଠାରେ ଥିବା ଅନନ୍ତ ବାସୁଦେବ ସେବା ସମିତି ପକ୍ଷରୁ ଗାୟତ୍ରୀ ମହାଯଜ୍ଞ, ଯୁଗ ନିର୍ମାଣ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସେବା ସମିତି ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ କଟକ ଗାୟତ୍ରୀ ପୀଠରୁ କଳସ ଶୋଭାଯାତ୍ରା ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଭୁବନେଶ୍ୱର ଗାୟତ୍ରୀ ଶକ୍ତିପୀଠର ରାଜ୍ୟ ଉପସଂଯୋଜକ ଗୌତମ ବଳରାମ ସାହୁ, ରୋହିତ ଦାସ, ଗାୟତ୍ରୀ ମନ୍ତ୍ର ଜପ କରିବା ସହିତ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। କଟକ ଶକ୍ତିପୀଠର ବରିଷ୍ଠ କର୍ମକର୍ତ୍ତା ଗୋବର୍ଦ୍ଧନ କଳସୀ, ଅଗାଧୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚ୍ୟୁତାନନ୍ଦଙ୍କ ନିତ୍ୟ ରାହାସ ଉଦ୍‌ଯାପିତ

**ନେମାଳ,୧୩।୧୦(ଡି.ଏନ.ଏ.)**



ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନପୀଠରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ନିତ୍ୟ ରାହାସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶ୍ରୀଶ୍ରୀ ଗୋପୀନାଥ ଜୀଉ ମନ୍ଦିରରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ସନ୍ଧ୍ୟାଆଳତୀ ପରେ ଏକ ସୁସଜ୍ଜିତ ବିମାନ ଯୋଗେ ଅଣାଯିବା ସହିତ ବେଢ଼ା ପରିକ୍ରମା କରାଯାଇ ରାହାସ ମଣ୍ଡପରେ ସ୍ଥାପନ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ରାହାସମଣ୍ଡଳୀ ବେଢ଼ା ଚତୁଃପାର୍ଶ୍ୱରେ ମହାପୁରୁଷଙ୍କ ରଚିତ ରାହାସ ପରିବେଷଣ କରିବା ସହିତ ମାଳିକା ଚର୍ଚ୍ଚା, ମହାପୁରୁଷଙ୍କ ଭଜନ, ଅଷ୍ଟ ଗୁଜରୀ ଗାନ, ଭାଗବତ ପଠନ କରିଥିଲେ। ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଅଚ୍ୟୁତାନନ୍ଦଙ୍କ ଦର୍ଶନ କରିଥିଲେ। ପ୍ରଭୁଙ୍କ ସେବା ପୂଜାରେ ବରିଷ୍ଠ ପୂଜକମାନେ ସାମିଲ ହୋଇଥିଲାବେଳେ ଶ୍ରୀଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଓ ଗୋପୀନାଥଜୀଉ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମିତ ସୁବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ସୁଭ୍ରାଂଶୁ ଶେଖର ମିଶ୍ର, ଆଇନଜୀବୀ ଶିଶିର ଦାସ, ପ୍ରସନ୍ନ ବେଉରା, ଅମୂଲ୍ୟ ମହାନ୍ତି, ସୁବାସ ଚନ୍ଦ୍ର ଦାସ, ଅଜୟ ପୃଷ୍ଟି, ହରେକୃଷ୍ଣ ପୂଜାରୀ, କେଶବ ଚନ୍ଦ୍ର ଦଳାଇ, ଶରତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ନବକିଶୋର ସାହୁ ମେମୋରିଆଲ୍ ଫୁଟବଲ୍

# ଫାଇନାଲରେ ସାଲେପୁର

**ସାଲେପୁର,୧୩।୧୦(ଡି.ଏନ.ଏ.)**



ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ହରିଡ଼ା ପଡ଼ିଆରେ ଆୟୋଜିତ ଅଷ୍ଟମ ବାର୍ଷିକ ନବକିଶୋର ସାହୁ ମେମୋରିଆଲ୍ ଫୁଟବଲ୍ ପ୍ରତିଯୋଗିତାର ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଲେପୁର ଫୁଟବଲ୍ ଟିମ୍ କଟକର ଏନଆରଆରଆଇ ଫୁଟବଲ ଟିମ୍‌କୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ ହୃଷୀକେଶ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଆନନ୍ଦ ମିତ୍ର, ବସନ୍ତ ବିଶ୍ୱାଳ, ଗଣେଶ ଚନ୍ଦ୍ର ନାୟକ, ଗୋପୀନାଥ ଭୋଇ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୋପୀନାଥପୁର ସରପଞ୍ଚ ଦିଲୀପ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଯୁଗଳ ଜେନା, ରମାକାନ୍ତ ମହାନ୍ତି, ରଜତ ପଣ୍ଡା, ନିର୍ମଳ ସାମଲ, ଶ୍ରୀମା ବିଶ୍ୱାଳ, ଧ୍ରୁବ ସାମଲ, ଅତିଶ ସାମଲଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। ରେଫରି ଭାବେ ଦ୍ୱୈତାରୀ କାଳୁଆ, ସଞ୍ଜୀବ ଦାସ, ଜ୍ୟୋତିରଞ୍ଜନ ସ୍ୱାଇଁ, ରସାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାନ୍ତ ରଥ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।





ଆଠଗଡ଼ ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଜଲକ୍ଷ୍ମୀ।



ନରସିଂହପୁର ତଅଂଳା ସାହିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।



ନରସିଂହପୁର ଡାଳଖାଇ ବଜାର କମିଟି।

# ପୂଜା ପାଇଲେ ଗଜଲକ୍ଷ୍ମୀ

**ଆଠଗଡ଼, ୧୩।୧୦ (ସ୍ୱ.ପ୍ର.):** ସାରା ରାଜ୍ୟରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଆଠଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ସକାଳୁ ଶ୍ରଦ୍ଧାଳୁ ସ୍ଥାନୀୟ ଭାଗୀରଥି ସାଗରରୁ କଳସ ମୁଣ୍ଡାଇ ଘଣ୍ଟ, ଘଣ୍ଟା, ଖୋଳ, ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ପୂଜା ମଣ୍ଡପ ନିକଟକୁ ଆସିଥିଲେ। ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିକଟରେ କଳସ ସ୍ଥାପନ ସହ ମା'ଙ୍କ ବିଧିପୂର୍ବକ ଆବାହନୀ ପୂଜା କରାଯାଇଥିଲା। ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ସନ୍ଧ୍ୟାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଚକ୍ଷୁଦାନ ସହ ପୂଜା ଓ ହୋମଯଜ୍ଞ କରାଯାଇଥିଲା। ଆୟୋଜକ ଷ୍ଟାର ନାଇଟ କ୍ଲବ ଓ ହନୁମାନ କୃପା ପରିଷଦର ସମସ୍ତ ସଦସ୍ୟ ପୂଜାରେ ସାମିଲ ହୋଇଥିଲେ। ପ୍ରଶାନ୍ତ ବାରିକ, ପ୍ରଦ୍ୟୁମ୍ନ ରାୟସାମନ୍ତ, ସୌମେନ୍ଦ୍ରନନ୍ଦ, ଅର୍ଦ୍ଧେନ୍ଦୁ ମହାନ୍ତି, ପ୍ରମିତାଭ ମହାପାତ୍ର ଓ ଅନ୍ୟ ସଭ୍ୟମାନେ ମା'ଙ୍କ ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

**ନେମାଳ,(ଡି.ଏନ.ଏ.):** ନେମାଳ ଓ ଏହାର ଆଖପାଖ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ନେମାଳ ବଜାରରେ ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ନିର୍ଦ୍ଧାରିତ ସମୟରେ ମା'ଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି। ସେହିପରି ବରହମପୁର, ଝାଡେଶ୍ୱରପୁର, ବାବୁଜଙ୍ଗ, ପାଳଦା ଆଦିସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଯଥାରୀତି ସମ୍ପନ୍ନ ହୋଇଛି। ସମଗ୍ର ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ବଡ଼ମ୍ବାର ଶଙ୍ଖାମେରି ପଟନ ସାହିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।



ବଡ଼ମ୍ବା ବୃନ୍ଦାବନପୁର ଖମାର ସାହି ଗଜଲକ୍ଷ୍ମୀ।



"ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ବୈଶ୍ୟ ତିଳି ଜାତୀୟ ସମିତି ନୂତନ କର୍ମକର୍ତ୍ତା

**କଟକ ଅଫିସ,୧୩।୧୦:** ଡଗରପଡାସ୍ଥିତ ବୈଶ୍ୟ ତିଳି ଜାତୀୟ ସମିତି କାର୍ଯ୍ୟାଳୟରେ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ସଭାପତି ଭାବେ ଅଜୟ ସାହୁ, ସାଧାରଣ ସମ୍ପାଦକ ମଧୁସୂଦନ ସାହୁ, ଉପସଭାପତି ସିଦ୍ଧାର୍ଥ କୁମାର ସାହୁ, କୁଞ୍ଜବିହାରୀ ସାହୁ, ଯୁଗ୍ମ ସମ୍ପାଦକ ମାୟାଧର ସାହୁ, ରଜନୀକାନ୍ତ ସାହୁ, କୋଷାଧକ୍ଷ ଭାବେ ବୀରେନ୍ଦ୍ର ନାରାୟଣ ସାହୁ ମନୋନୀତ ହୋଇଥିଲେ।

### କୃଷ୍ଣଚନ୍ଦ୍ର କରଙ୍କ ସ୍ମୃତିସଭା

**କଟକ ଅଫିସ, ୧୩।୧୦:** ଡ୍ରିମ୍ସ ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧିକାରୀ କୃଷ୍ଣଚନ୍ଦ୍ର କରଙ୍କ ଦ୍ୱାଦଶାହ ଅବସରରେ ଯାଜଭୈରବ-ନୂଆଗାଁସ୍ଥିତ ଶାନ୍ତି ମଣ୍ଡପରେ ରବିବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ କହିଥିଲେ କୃଷ୍ଣଚନ୍ଦ୍ରଙ୍କ କର୍ତ୍ତବ୍ୟ ନିଷ୍ଠା ତାଙ୍କୁ ସ୍ମରଣୀୟ କରି ରଖିବ। ଏଥିରେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତ ମୋହନ ମିଶ୍ର, ଶିଳ୍ପୋଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ଡ. ରୁଦ୍ରନାରାୟଣ ମିଶ୍ର, ବିଶ୍ୱକଲ୍ୟାଣ ଦାସ, ଗୋଲକ ଚନ୍ଦ୍ର କର, ନବକିଶୋର ମିଶ୍ର, ଆଇନଜୀବୀ ବିଧୁଭୂଷଣ ଶତପଥୀଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଦିବ୍ୟଜ୍ୟୋତି ପାଣିଙ୍କ ସମ୍ପାଦନାରେ ସ୍ମରଣିକା 'କୃଷ୍ଣାୟନ' ଉନ୍ମୋଚିତ ହୋଇଥିଲା।

### ଜୟନ୍ତୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୧୩।୧୦:** ବିଡାନାସୀସ୍ଥିତ ଶୋଭନୀୟ ଆନ୍ଦୋଳନ ଓ ଶିକ୍ଷାଶ୍ରମ ପରିସରରେ ଆନ୍ଦୋଳନର ସାଂସ୍କୃତିକ ସମ୍ପାଦିକା ଜୟନ୍ତୀ ଦେବୀଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦିଲ୍ଲୀର ଏମ.ଏସ୍. ଯୋଗୀ ଯୋଗଦେଇ ଜୟନ୍ତୀ ଦେବୀ ସମାଜସେବା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା କହିଥିଲେ। ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସଙ୍ଗୀତଜ୍ଞ ଶରତ ନାୟକ, ରୋଟାରୀ ଚକ୍ଷୁ ହସ୍ପିଟାଲ୍‌ର ପ୍ରଶାସନିକ ଅଫିସର ଆଲୋକ ସାହୁ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂୟାଁ, ପ୍ରଫେସର ଡ. ଶାନ୍ତି କାନୁନ୍‌ଗୋ, କର୍ଣ୍ଣେଲ ନନ୍ଦକିଶୋର ସାମଲ, ଡ. ନିଖିଳେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ।

### 'ଫୁଲ ବଉଳବେଣୀ' ଉନ୍ମୋଚିତ

**ଚୌଦ୍ୱାର,୧୩।୧୦(ଡି.ଏନ୍.ଏ.):** ଆଞ୍ଚଳିକ ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ, ସ୍ମରଣିକା ଉନ୍ମୋଚନ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ରବିବାର ଯାତ୍ରାପଡ଼ିଆସ୍ଥିତ ରାଜଦୋଳ ସମିତି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପକ ମଙ୍ଗରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଟେଟ୍ରାହେଡେନ ଜୁନିୟର କଲେଜ ଅଧକ୍ଷ ତ୍ରିଦେବ ବେହେରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ବାଳକୃଷ୍ଣ ମହାନ୍ତି, ଆମ୍ବା ଅଧକ୍ଷ ସେକ୍ ସାହାଜାନ, ଯୁବନେତା ବିଷ୍ଣୁ ଚରଣ ପରିଡା, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ସୁବ୍ରତ ସାମଲ ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ଲାଲମୋହନ ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମରଣିକା 'ଫୁଲ ବଉଳବେଣୀ' କୁ ଉନ୍ମୋଚନ କରିଥିଲେ। ସମାଜ ପରିବର୍ତ୍ତନରେ ଗଣମାଧମର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସଂଘ ସମ୍ପାଦକ ଏସ୍.କେ.ଜାଭେଦ୍ ଧନ୍ୟବାଦ ଦେଇଥିଲେ।

## ■ ବାଙ୍କୀ ମହୋତ୍ସବ ୨୦୧୯ ଉଦ୍‌ଘାଟିତ

# ବାଙ୍କୀର ଐତିହ୍ୟ, ଇତିହାସ ସୁଦୂରପ୍ରସାରୀ

**ବାଙ୍କୀ,୧୩।୧୦(ସ୍ୱ.ପ୍ର./ବି.ପ୍ର.)**



ବାଙ୍କୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଙ୍କୀ କଚେରି ପଡ଼ିଆଠାରେ ଆୟୋଜିତ ବାଙ୍କୀ ମହୋତ୍ସବ-୨୦୧୯ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବାଙ୍କୀର ଐତିହ୍ୟ ଓ ଇତିହାସ ସୁଦୂର ପ୍ରସାରୀ। ସ୍ୱାଧୀନତା ଆନ୍ଦୋଳନଠାରୁ ସମବାୟ ଆନ୍ଦୋଳନ ପର୍ଯ୍ୟନ୍ତ ବାଙ୍କୀର ଅବଦାନ ଓଡ଼ିଶାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଗୌରବୋଜ୍ୱଳ ଅତୀତ ସହ ବର୍ତ୍ତମାନର ପ୍ରଗତିଶୀଳ ଓଡ଼ିଶାର ଚିତ୍ରକୁ ଯୁବପିଢ଼ିଙ୍କ ପାଖରେ ଉପସ୍ଥାପନ କରାଇବା ପାଇଁ ମହୋତ୍ସବ ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ। ମହୋତ୍ସବ ଉପଦେଷ୍ଟା ତଥା ଉପଜିଲାପାଳ ଅରୁଣ ବିଶ୍ୱାଳ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ସମସ୍ତଙ୍କ ପାଇଁ ଶାନ୍ତି ବାର୍ତ୍ତା ନେଇଆସିଛି ବୋଲି କହିଥିଲେ। ମହୋତ୍ସବ ସଭାପତି ପ୍ରଭାତ ତ୍ରିପାଠୀ ଅଧକ୍ଷତା କରି କହିଥିଲେ, ୨୦ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବ ଆଜି ଯୁବକତ୍ୱ ଲାଭ କରିଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଥିଲେ, ବାଙ୍କୀବାସୀଙ୍କ ଅକୁଣ୍ଠ ସମର୍ଥନ ଏହି ଉତ୍ସବକୁ ଏକ ଗଣପର୍ବରେ ରୂପାନ୍ତରିତ କରିଛି। ଏଥିରେ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଓ କୋଷାଧକ୍ଷ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଚିକିତ୍ସା ବିଜ୍ଞାନୀ ଅଶୋକ ଚୌଧୁରୀଙ୍କୁ ଚର୍ଚ୍ଚିକା ସମ୍ମାନ, ସାରସ୍ୱତ ସାଧକ ପବନୀ ଜେନାଙ୍କୁ 'ବିବସ୍ତାନ', ଶିକ୍ଷାବିତ୍ ଧରମୁ ଧର ଯୁଝାର ସିଂ 'ବିଭୂଷଣ', ନ୍ୟାୟମୂର୍ତ୍ତି ଦେବାଶିଷ ନାୟକ 'ରତ୍ନ', କୃଷକ ପ୍ରଭାକର ବରାଳଙ୍କୁ ବିଭବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳୁ ମା'ଚର୍ଚ୍ଚିକାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ମା'ଙ୍କ ଆଜ୍ଞାମାଳ ଓ ଜ୍ୟୋତି ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମହୋତ୍ସବ ପଡ଼ିଆରେ ଥିବା ପ୍ରଦର୍ଶନୀ ମଣ୍ଡପକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସମ୍ପାଦକ ପ୍ରକାଶ ବେଉରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କୁମାରପୂର୍ଣ୍ଣିମା ଅବସରରେ କଟକ କାଜିବଜାର ଜଗନ୍ନାଥବଲ୍ଲଭ ମଠ ପରିସର ଚଉଁରାମୂଳେ ଝିଅମାନେ ଚାନ୍ଦ ପୂଜା କରୁଛନ୍ତି।

## ଯୋଗ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସମ୍ଭବ

**କଟକ ଅଫିସ,୧୩।୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ରବିବାର ଫିଟ୍ ଇଣ୍ଡିଆ ଯୋଗ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଯୋଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପତଞ୍ଜଳି ବିଶ୍ୱବିଦ୍ୟାଳୟର ଯୋଗ ବିଶେଷଜ୍ଞ ବିଜୟ ବେଦାନ୍ତ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଯୋଗ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସମ୍ଭବ। ଯୋଗାଭ୍ୟାସ ବ୍ୟକ୍ତିର ଶରୀର, ମନ ଓ ଜୀବନ ପ୍ରଣାଳୀ ମଧ୍ୟରେ ଏକ ଯୋଗାତ୍ମକ ସେତୁ ଭଳି କାର୍ଯ୍ୟ କରିଥାଏ। ଯୋଗଦ୍ୱାରା ମନୁଷ୍ୟ ସୁସ୍ଥ, ନୀରୋଗ ଓ ସକ୍ରିୟ ରହିଥାଏ। ଏଥିରେ ସମ୍ମାନିତ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ଡା. ସରୋଜ ସାହୁ, ଡା. ମାନଭଞ୍ଜନ କହଁର ଓ ଯୋଗ ଆର୍କିଭିଷ୍ଟ ଶୀତଲ ଆର୍ଯ୍ୟ ଯୋଗଦେଇଥିଲେ। ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଅଶୋକ ଦଂଶାନା ଧନ୍ୟବାଦ ଦେଇଥିଲେ।

## ଗଣକବି ଥିଲେ ସମାଜ ସଂସ୍କାରକ

**କଟକ ଅଫିସ, ୧୩।୧୦**



ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ଖାନ୍‌ନଗରସ୍ଥିତ ବୈଷ୍ଣବ ପାଣି ଉଦ୍ୟାନରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଏବଂ କଟକ ଗଣକବି ଅଭ୍ୟର୍ଥନା କମିଟିର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ଗଣକବି ଏକାଧାରାରେ ଜଣେ ଗୀତିନାଟ୍ୟକାର, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ସମାଜ ସଂସ୍କାର, ନାରୀ ସ୍ୱାଧୀନତା, ନାରୀଶିକ୍ଷା ଏବଂ ଯୁବକମାନଙ୍କ ସାମାଜିକ ମୂଲ୍ୟବୋଧ ପାଇଁ ଯେଉଁ ପ୍ରଚେଷ୍ଟା କରିଯାଇଛନ୍ତି ତାହା ଚିରସ୍ମରଣୀୟ। ଏଥିରେ ଉପଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ବିଶ୍ୱନାଥ ଲେଙ୍କା, ମୀନକେତନ ବେହେରା, ଡ. ବିଜୟାନନ୍ଦ ସିଂ, ଡ. ରବିରଞ୍ଜନ ସାହୁ ଓ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋକୁଲ୍‌ର ନୂଆ ଆଉଟଲେଟ୍

**ଭୁବନେଶ୍ୱର,୧୩-୧୦**




ଗୋକୁଲ୍ ବେକରିର ୧୧ତମ ଆଉଟ୍‌ଲେଟ କଟକର କଲେଜ ଛକଠାରେ ଖୋଲିଛି। ଗୋକୁଲର ପ୍ରତିଷ୍ଠାତା ଅଶୋକ ଅଗରୱାଲ ଏବଂ ଅମିତ ସଂଘାନିଆ ଏହାକୁ ଉନ୍ମୋଚନ କରିଥିଲେ। ଏଠାରେ ଗ୍ରାହକମାନେ ବେକରି ଉତ୍ପାଦ, ଡିଜାଇନର କେକ୍, କୁକିଜ୍, ପିଜା, ବର୍ଗର, ସ୍ନାକ୍ସ, ମକ୍‌ଟେଲ, ଆଇସକ୍ରିମ ଓ ନାଚୁରାଲ ଜଲାଟୋ ଆଇସ୍‌କ୍ରିମ, ପ୍ୟାଷ୍ଟ୍ରି ଏବଂ ସାଣ୍ଡୱିଚ୍ ଲାଭ କରିପାରିବେ। ଏଠାରେ ଉପଲବ୍ଧ ସମସ୍ତ ପ୍ରଡକ୍ଟ ୧୦୦% ଶାକାହାରୀ। କଟକରେ ପ୍ରଥମ ଷ୍ଟୋର ଖୋଲି ଅତ୍ୟନ୍ତ ଖୁସି ବୋଲି ପ୍ରତିଷ୍ଠାତା ଅଶୋକ ଅଗରୱାଲ କହିଛନ୍ତି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି ବୋଲି ସହ ପ୍ରତିଷ୍ଠାତା ଅମିତ ସିଂଘାନିଆ କହିଛନ୍ତି। ୧୯୯୭ରେ ସ୍ଥାପନ ହୋଇଥିବା ଏହି କମ୍ପାନୀ ସମ୍ବଲପୁର, ଝାରସୁଗୁଡା, ବରଗଡ, ବୁର୍ଲା ଏବଂ ଭୁବନେଶ୍ୱରର ୭ଟି ଷ୍ଟୋର ସହ ସେବା ଯୋଗାଉଛି।

## ଫୁଲବଉଳବେଣୀ କାର୍ଯ୍ୟକ୍ରମ

**କଟକ ଅଫିସ,୧୩।୧୦**

ମଧୁପାଟଣାସ୍ଥିତ ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ ପରିସରରେ ରବିବାର ଉଦୟଭାନୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ସଂସଦର ସଭାପତି ଡ. ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ଡା. ରତ୍ନାକର ରାଉତ କହିଥିଲେ, ନିରନ୍ତର ପ୍ରୟାସ ଜାରି ରଖିଲେ ସଫଳତା ମିଳିଥାଏ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ବୀଣାପାଣି ସିଂ ଓ ବରେଣ୍ୟ ଅତିଥି ଭାବେ ଗୀତିକବି ଗୌର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଫୁଲବଉଳବେଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିକନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା, ସାଧାରଣ ସମ୍ପାଦିକା ସରୋଜିନୀ ମିଶ୍ର ବିବରଣୀ ପାଠ ଓ ସୁଧୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

**ଫୁଲନଖରା/କଟକ ସଦର/ନରାଜ,୧୩।୧୦(ଡି.ଏନ୍.ଏ.)**

କଟକ ସଦର ଥାନା ଓ ଏହାର ଆଖପାଖ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସଇଁନ୍ଧା-ନଚ୍ଛିପୁର ଅଞ୍ଚଳର ୧୧ଟି ମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଇଥିଲା। ୬ଦିନ ଧରି ଏହି ପୂଜା ଚାଲିବାକୁ ଥିବା ବେଳେ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତବର୍ଷ ପୂଜାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଇଁନ୍ଧା-ନଚ୍ଛିପୁର ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନଖରାର ମା' ଜାଗୁଲାଇ ବ୍ୟବସାୟୀ ସଂଘ, ନଖରାଗଡ଼ା, ନୂଆଗଡ଼, ଖୁନୁକାର ଆଦି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି।

ସେହିପରି କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି। ବୋଧପୁର ପଞ୍ଚାୟତର ନାନପୁର, ଧରିଣା ପଞ୍ଚାୟତର ପାରାବିଲଠାରେ ଏହି ପୂଜା ପାଳିତ ହେଉଛି। ଭୋଇସାହି, ବାଲିକୁଦା, ବେହେରାସାହି, କୁମ୍ଭାରସାହି, ମରଡ଼ପାରି ମେଢ଼ଗୁଡ଼ିକ ବେଶ ଆକର୍ଷଣୀୟ ହୋଇଛି।

ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ଯୋଜନା ରହିଛି। ଗ୍ରାମ୍ୟ କମିଟିର ସଭାପତି ଶିବ ପ୍ରସାଦ ବସ୍ତିଆ, ଉପସଭାପତି ଉପେଶ ପାଳ, ସମ୍ପାଦକ ହେମନ୍ତ ପରିଡା, ସହ-ସମ୍ପାଦକ ମୁରଲି ସ୍ୱାଇଁ, କୋଷାଧକ୍ଷ ସାଗର ପାଳ ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ସହଯୋଗ କରିଛନ୍ତି।



କଟକ ହରିପୁର-ଦୋଳମୁଣ୍ଡାଇ ଓ ସାଆନ୍ତ ସାହି ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

## ଆକ୍ରମଣ: ଯୁବକ ଗିରଫ

**କଟକ ଅଫିସ, ୧୩।୧୦**

ଆକ୍ରମଣ ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ସ୍ଥାନୀୟ ଗୌତମନଗରର କୃଷ୍ଣ ନାୟକ(୪୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗୌତମନଗରର ହେମନ୍ତ ନାୟକ ସାଙ୍ଗଙ୍କ ସହ ସାହିରେ ଯାଉଥିବାବେଳେ କୌଣସି କାରଣକୁ ନେଇ କୃଷ୍ଣ ପଛପଟୁ କାଠଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ହେମନ୍ତ ଗୁରୁତର ହୋଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୪୯/୧୯) ରୁଜୁ କରିଛି।

## ୨୦ରେ ଭଜନ ସମ୍ରାଟ ଭିକାରୀ ବଳ ଭଜନ ପ୍ରତିଯୋଗିତା

**କଟକ ଅଫିସ,୧୩।୧୦**

ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଭିକାରୀ ବଳଙ୍କ ନବମ ପୁଣ୍ୟତିଥି ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଅରୁଣ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଭଜନ ସମ୍ରାଟଙ୍କ ପୁଣ୍ୟତିଥି ଉପଲକ୍ଷେ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭିକାରୀ ବଳ ଭଜନ ପ୍ରତିଯୋଗିତା ଆସନ୍ତା ୨୦ରେ ପୁରୀଘାଟସ୍ଥିତ ରାସବିହାରୀ ମଠ ପରିସରରେ ଅନୁଷ୍ଠିତ ହେବ। ଏଥିସହ ନଭେମ୍ବର ୨ରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଉପଦେଷ୍ଟା ଗୌରହରି ଦଳାଇ, ଉପସଭାପତି ଡ. ବିଜୟାନନ୍ଦ ସିଂ, କୋଷାଧକ୍ଷ ଅମିୟ ବଳ, ଅଶୋକ ବଳ, କଳ୍ପନା ବଳ, ସ୍ୱାଗତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିରାଟେଶ୍ୱରୀ ପୂଜା କମିଟି ବାର୍ଷିକୋତ୍ସବ

**ଚୌଦ୍ୱାର,୧୩।୧୦(ଡି.ଏନ୍.ଏ.)**

ଚାରବାଟିଆ ବିରାଟ ବଜାରସ୍ଥିତ ବିରାଟେଶ୍ୱରୀ ପୂଜା କମିଟିର ୫୧ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂଜାକମିଟିର ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୋଲିସ କମିଶନର ଡ. ସୁଧାଂଶୁଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିବା ସହ ଚଳିତବର୍ଷ ରୂପଯାତ୍ରାରେ ପୂଜା କମିଟିର କର୍ମକର୍ତ୍ତାମାନେ ଶଙ୍ଖଳା ରକ୍ଷା କରି ଯାତ୍ରାକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଚୌଦ୍ୱାର ଦଶହରା ପୂଜାକମିଟି ସଭାପତି ସୁବୋଧ ନାୟକ, ଉପଦେଷ୍ଟା ବାଳକୃଷ୍ଣ ମହାନ୍ତି, ଉପଦେଷ୍ଟା ରତ୍ନାକର ବରାଳ, କ୍ଷେତ୍ରବାସୀ ବରାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କମିଟିର ମୁଖପତ୍ର 'ବିରାଟେଶ୍ୱରୀ' ଉନ୍ମୋଚିତ ହୋଇଥିଲା। ଜିଲା ଯୋଜନାବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ ଉତ୍ସବ ପରିଚାଳନା କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅଶୋକ କୁମାର ମାଝୀ ଧନ୍ୟବାଦ ଦେଇଥିଲେ।



ବିରାଟେଶ୍ୱରୀ ପୂଜା କମିଟି ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## କୁମାର ଉତ୍ସବ ପାଳିତ

**କଟକ ଅଫିସ,୧୩।୧୦**

କଟକ ସାଆନ୍ତ ସାହିସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ମଣ୍ଡପରେ କୁମାର ଉତ୍ସବ ସମିତି ପକ୍ଷରୁ କୁମାର ଉତ୍ସବ ରବିବାର ପାଳିତ ହୋଇଛି। ସାହି ଅଧିକାରୀ ଧୀରେନ୍ଦ୍ର କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ସାଆନ୍ତସାହିର କୁନି କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ଓ ଶିଳ୍ପୀ କଳାନିକେତନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ସାହିର ଯୁବ କଳାକାରମାନଙ୍କ ଦ୍ୱାରା ନାଟକ 'ଆଖି ତୁ କାନ୍ଦନା' ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏଥିରେ ଆଇନଜୀବୀ ତୁଷାରକାନ୍ତି ଶତପଥୀ, ବରଦାକାନ୍ତ ମହାନ୍ତିଙ୍କ ସମେତ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅମୂଲ୍ୟ ରତନ ଦାସ ଅତିଥି ପରିଚୟ ଓ ସାହି ସମ୍ପାଦକ ଦୟାନିଧି ରାଉତ ଧନ୍ୟବାଦ ଦେଇଥିଲେ।



କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ ପଡିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଦେଶର ଆର୍ଥିକ ବିକାଶରେ ବ୍ୟାଙ୍କ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ ଅଫିସ, ୧୩।୧୦**

କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ ପଡିଆରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଷ୍ଟାଫ ଆସୋସିଏଶନ ଭୁବନେଶ୍ୱର ସର୍କଲ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଲ ଇଣ୍ଡିଆ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଷ୍ଟାଫ ଫେଡେରେଶନର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ବନ୍ଦଲିସ ଯୋଗଦେଇ କହିଥିଲେ, ଦେଶର ଆର୍ଥିକ ବିକାଶରେ ବ୍ୟାଙ୍କଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାରଙ୍କର ସାମାଜିକ କଲ୍ୟାଣକାରୀ ଲକ୍ଷ୍ୟ ଜାତୀୟକରଣ ବ୍ୟାଙ୍କ ମାଧମରେ ରୂପାୟିତ ହୋଇଥାଏ। କେନ୍ଦ୍ର ସରକାର ଛୋଟଛୋଟ ବ୍ୟାଙ୍କଗୁଡିକୁ ମିଶାଇ ବୃହତ୍ତର ବ୍ୟାଙ୍କର ପରିକଳ୍ପନା କରୁଛନ୍ତି। ବ୍ୟାଙ୍କ କର୍ମଚାରୀମାନଙ୍କ ଏକାଦଶତମ ଦ୍ୱିପାକ୍ଷିକ ମଜୁରି ସଂଶୋଧନ ରାଜିନାମା ସମାଧାନ ହେଲାନାହିଁ। ଫଳରେ ସେମାନଙ୍କ ମନୋବଳ ଭାଙ୍ଗି ପଡୁଛି। ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ ଷ୍ଟାଫ ଆସୋସିଏଶନ ଓ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସମବାୟ ସମିତିର ସଭାପତି କମ୍ରେଡ ଅନ୍ନଦା ଶଙ୍କର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କମ୍ରେଡ ଅଜୟ ଏନ ବଦାନି, ଭୁବନେଶ୍ୱର ସର୍କଲର ସାଧାରଣ ସମ୍ପାଦକ ଶିବପ୍ରସାଦ ବେହେରା, ଅଜୟ ବାରିକ, କମ୍ରେଡ ସିଦ୍ଧାର୍ଥ ଖାନ୍, କମ୍ରେଡ ରାଜେଶ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ




ଖୋର୍ଦ୍ଧା: ଦିବ୍ୟାସା ମାର୍କେଟ କମ୍ପ୍ଲେକ୍ସ।


ମା' ବରୁଣେଇ ଟାଟା ଏସ୍‌ସି ମାଲିକ ସଂଘ।


ପରିବା ମାର୍କେଟ ଜେଲ୍ ରୋଡ୍।


ଆଶୀର୍ବାଦ ମାର୍କେଟ କମ୍ପ୍ଲେକ୍ସ ପଲାଛକ।


ମାରୁଓ୍ୱାଡ଼ି ପଟି।


ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ, ହାବେଳି ପଡ଼ିଆ।


ନିରାକାରପୁର ଲକ୍ଷ୍ମୀବଜାର।


ବେଗୁନିଆରେ ଗଜଲକ୍ଷ୍ମୀ ପୂଜା।


ନିରାକାରପୁର ପରିବା ବଜାର।


ଖୋର୍ଦ୍ଧା ଟ୍ରାଫିକ୍ ଛକ ପୁରୁଣାବଜାର।

■ ଝିଲିମିଲି ଆଲୁଅରେ ଝଲସୁଛି ଖୋର୍ଦ୍ଧା ସହର

# ୩୨ ମଣ୍ଡପରେ ପୂଜା ପାଇଲେ ମା' ଲକ୍ଷ୍ମୀ

ଖୋର୍ଦ୍ଧା ଅଫିସ,୧୩।୧୦:

ମା' ଲକ୍ଷ୍ମୀଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି ଖୋର୍ଦ୍ଧା ସହର। ସବୁଠି ଚାଲିଛି ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ଆବାହନ। ଝିଲିମିଲି ଆଲୋକମାଳାରେ ଝଲସି ଉଠୁଛି ଐତିହାସିକ ସହର। ଖୋର୍ଦ୍ଧା ବଜାରର ମୁଖ୍ୟରାସ୍ତା, କୋର୍ଟ ଛକ, ମାରୱାଡିପଟି, ସାମନ୍ତରାପୁର, ଠେଙ୍ଗାହାଟ, ଉପରସାହି, ପୁରୁଣା ବସ୍‌ଷ୍ଟାଣ୍ଡ, ଏନ୍ଏସି ମାର୍କେଟ, ପୁରୁଣା ମେଡିକାଲ ରୋଡ, ସମବାୟ ବ୍ୟାଙ୍କ ପଛପାଖ, ସୁନ୍ଦରୀ ବରଗଛ ଛକ, ମହାଲକ୍ଷ୍ମୀ ମାର୍କେଟ, ଗାନ୍ଧୀ ମାର୍କେଟ, କୋର୍ଟ ଛକ, ପ୍ରାଣୀ ଚିକିତ୍ସାଳୟ ଛକ, ନୂଆବସ୍‌ଷ୍ଟାଣ୍ଡ, ଗଜପତି ଛକ ନିକଟ, ନୂଆ ମେଡିକାଲ, ଗୁରୁଜଙ୍ଗ, ଭାଲିଆବାଡ ଆଦି ୩୨ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ସ୍ୱଳ୍ପ ବଜେଟରେ ରୀତିନୀତିର ସହ ପୂଜା ହେଉଛି। ଶାନ୍ତିଶୃଙ୍ଖଳା ବଜାଇ ରଖିବା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜା ମଣ୍ଡପ ନିକଟରେ ପୋଲିସ ମୁତୟନ କରାଯାଇଛି। ଚଳିତ ମାସ ୨୦ ତାରିଖରେ ମିଳିତ ଭସାଣି ଅନୁଷ୍ଠିତ ହେବ। ମିଳିତ ଭସାଣି ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜାର ମୁଖ୍ୟ ଆକର୍ଷଣ।

**ଡାଳତୋଳାରେ ଗଜଲକ୍ଷ୍ମୀ ମହୋତ୍ସବ**

ଅକ୍ଟୋବର ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ବେଗୁନିଆ ବ୍ଲକ ଡାଳତୋଳା ଲକ୍ଷ୍ମୀବଜାରରେ ଗଜଲକ୍ଷ୍ମୀ ମହୋତ୍ସବ ଚାଲୁ ରହିବ। ଏହି ଅବସରରେ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ନୃତ୍ୟ ପ୍ରତିଯୋଗିତା ହେବ। ସାଧାରଣଜ୍ଞାନ ପ୍ରତିଯୋଗିତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କରାଯିବ। ୧୪ ତାରିଖ ସୋମବାର ମହୋତ୍ସବକୁ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଉଦ୍‌ଘାଟନ କରିବେ। ରବିବାର କଳସ ଯାତ୍ରା କରାଯାଇ ପୂର୍ବାହ୍ନରେ ପୂଜାରମ୍ଭ କରାଯାଇଛି।

**ହଜି ଯାଉଛି କୁମାର ପୂର୍ଣ୍ଣିମାର ପରମ୍ପରା**

ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଦ୍ୱାରା ସହର ସଭ୍ୟତା ପୁରପଲ୍ଲୀ ଅଞ୍ଚଳରେ ମଧ୍ୟ କୁମାରପୂର୍ଣ୍ଣିମା ପର୍ବରେ ଆଧୁନିକତାର ସ୍ପର୍ଶ ଲାଗି ଯାଇଛି। କୁଆଁର ପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀ... ଗୀତ ଆଉ ଆଗଭଳି ଶୁଣିବାକୁ ମିଳୁନି, କି ପୁଚି ଖେଳ ଦେଖିବାକୁ ମିଳୁନି। କୁଆଁରୀ ଝିଅମାନେ ଆଶ୍ୱିନ ମାସ ସାରା ଚଉରା ମୂଳରେ ଜହ୍ନି ଓ କାକୁଡି ଫୁଲରେ ଲିଆ ସହ ମା' ବୃନ୍ଦାବତୀଙ୍କୁ ଭାଇର ଶୁଭ ମନାସୀ ଜହ୍ନି ଓଷା କରିଥାନ୍ତି। ଏଭଳିସ୍ଥଳେ ହଜି ଯାଉଥିବା ପରମ୍ପରାକୁ ବଞ୍ଚାଇ ରଖିବା ଲାଗି କିଛି ସାଂସ୍କୃତିକ ଅନୁଷ୍ଠାନ ହାତକୁ ନେଇଛନ୍ତି ବିଭିନ୍ନ ପଦକ୍ଷେପ। ନୂପୁର ଅନୁଷ୍ଠାନ ପକ୍ଷରୁ ଖୋର୍ଦ୍ଧାରେ ରବିବାର ଆରମ୍ଭ ହୋଇଛି କୁମାର ଉତ୍ସବ। ଏଠାରେ ମେଲୋଡି କାର୍ଯ୍ୟକ୍ରମ ହେବା ସହ ପରବର୍ତ୍ତୀ ୮ଦିନ ଅନୁରୂପ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


ମଧୁସୂଦନ ମାର୍ଗ ନୂଆ ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା।


ବାଳିକା ବିଦ୍ୟାଳୟ ସମ୍ମୁଖ ଲକ୍ଷ୍ମୀପୂଜା।



ବାଲୁଗାଁ: ଗୋପୀନାଥପୁର ଛକ ଗଜଲକ୍ଷ୍ମୀପୂଜା କମିଟି। ବଜାର ଫଳ ବ୍ୟବସାୟୀ ସଂଘ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ନିରାକାରପୁର,୧୩।୧୦(ଡି.ଏନ୍.ଏ.): ନିରାକାରପୁର ପଞ୍ଚାୟତର ପରିବା ବଜାର ଓ ମାଛ ବଜାର(ଲକ୍ଷ୍ମୀ ବଜାର)ରେ ପୂର୍ବ ବର୍ଷ ଭଳି ଚଳିତ ଗଜଲକ୍ଷ୍ମୀ ପୂଜା ରବିବାର ପାଳିତ ହୋଇଯାଇଛି। ଏହା ସାଙ୍ଗକୁ ସୁସଜିତ ତୋରଣ ଦର୍ଶକଙ୍କୁ ବେଶ ଆକର୍ଷିତ କରିଛି। ଏହାସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

**ବାଲୁଗାଁ, (ଡ଼ି.ଏନ.ଏ.):** ମା' ଗଜଲକ୍ଷ୍ମୀ ପୂଜା ରବିବାର ସମଗ୍ର ବାଲୁଗାଁ ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ବାଲୁଗାଁ ବଜାରସ୍ଥିତ ଫଳ ବ୍ୟବସାୟୀ ସଂଘ ଓ ଗୋପୀନାଥପୁର ଛକସ୍ଥିତ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ପୁରପଲ୍ଲୀରେ ମଧ୍ୟ ଏହି ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ସୁନ୍ଦର ଆଲୋକ ମାଳାରେ ତୋରଣଗୁଡ଼ିକ ଝଲସି ଉଠିଥିବା ବେଳେ ମା'ଙ୍କ ଦର୍ଶନ ନିମନ୍ତେ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।

### ପାତ୍ରପଡାରେ କୁମାର ଉତ୍ସବ

ଯାଁଳା,୧୩।୧୦(ଡି.ଏନ.ଏ.): କୁମାର ପୂର୍ଣ୍ଣିମା ଅବସରରେ ଚାନ୍ଦମାମା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରବିବାର ସନ୍ଧ୍ୟାରେ ପାତ୍ରପଡା-ଭଗବାନପୁର ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ କୁମାର ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ସଂସ୍କୃତିରୁ ହଜି ଯାଉଥିବା କୁମାରୀମାନଙ୍କ ଆଶ୍ୱିନ ମାସର ଜହ୍ନି ଓଷା, ଚାନ୍ଦପୂଜା ସାଙ୍ଗକୁ ଆଞ୍ଜୁଳି ଟେକାକୁ ଉଜ୍ଜୀବିତ କରିବାକୁ ଏହି ସଙ୍ଗଠନ ଏକ ପ୍ରୟାସ ଆରମ୍ଭ କରିଛି। ସନ୍ଧ୍ୟାରେ ସ୍ଥାନୀୟ ପାତ୍ରପଡା ମେଳଣ ପଡିଆଠାରେ ଉଭୟ ଗାଁର ଯୁବତୀମାନଙ୍କ ଦ୍ୱାରା ଆୟୋଜିତ ଜହ୍ନିଓଷା, ଚାନ୍ଦପୂଜା ସାଙ୍ଗକୁ ରଙ୍ଗାରଙ୍ଗ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧକ୍ଷ ଦୁଃଶାସନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ପୂର୍ଣ୍ଣଚନ୍ଦ୍ର ଶ୍ରୀଚନ୍ଦନ ଓ ରଶ୍ମିରଞ୍ଜନ ପାଟଶାଣୀ ପ୍ରମୁଖ ସହଯୋଗ କରିଥିଲେ। କୁନିକୁନି କଳାକାରମାନଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା ଅଧାପିକା ପ୍ରଜ୍ଞାପ୍ରିୟା ଦର୍ଶିନୀ ସାହୁ କରିଥିଲେ।

■ ଜଟଣୀ ହନୁମାନ ବାଟିକା ନିକଟରେ ହେବ ବାଣବଜାର

# ଭୂମିପୂଜା ସହ ପ୍ଲାଷ୍ଟିକ ମୁକ୍ତ ପାଇଁ ଶପଥ

ଜଟଣୀ,୧୩।୧୦(ଡି.ଏନ.ଏ.):

ଜଟଣୀ ହନୁମାନ ବାଟିକା ନିକଟ ଷଣ୍ଢପୁର ମୌଜାରେ ଥିବା ଖୋଲାପଡ଼ିଆରେ ଚଳିତବର୍ଷ ବାଣ ବଜାର ହେବ। ପ୍ରଶାସନର ନିଷ୍ପତ୍ତିକ୍ରମେ ଏହା ସ୍ଥିର ହୋଇଛି। ଫଳରେ ଏହି ପଡ଼ିଆରେ ଜଟଣୀ ବାଣ ବ୍ୟବସାୟୀ ସଂଘ ପକ୍ଷରୁ ରବିବାର ଭୂମିପୂଜା କରାଯାଇଥିଲା। ପୂର୍ବରୁ ଜଟଣୀର ବିଭିନ୍ନ ଜନଗହଳି ପୂର୍ଣ୍ଣ ବଜାରରେ ବିପଦସଙ୍କୁଳ ଅବସ୍ଥାରେ ବାଣ ଦୋକାନ ହେଉଥିଲା। ଏପରି ବିପଦସଙ୍କୁଳ ବାଣ ବ୍ୟବସାୟକୁ ବନ୍ଦ କରି ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୪ବର୍ଷ ପୂର୍ବେ ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମରେ ବାଣବଜାର ଆରମ୍ଭ କରାଯାଇଥିଲା। ଏହା ପରିସରରେ ସମସ୍ତ ବାଣ ଦୋକାନ ହେଉଥିଲା। ତେବେ ଷ୍ଟାଡିୟମ ପରିସରରେ କେତେକ କାରଣକୁ ନେଇ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ଚଳିତବର୍ଷ ଉପରୋକ୍ତ ସ୍ଥାନରେ ଏହି ବ୍ୟବସାୟ କରିବାକୁ ନିଷ୍ପତ୍ତି ହୋଇଥିବା ଜଟଣୀ ବାଣ ବ୍ୟବସାୟୀ ସଂଘର ସଭାପତି ଜୟନ୍ତ ପଲେଇ, ସମ୍ପାଦକ ରୋଶନ ଦାସ, ଉପସଭାପତି ଶିବପ୍ରସାଦ ମହାପାତ୍ର, ଉପଦେଷ୍ଟା ହବିବୁଲ୍ଲା ଖାନ୍ ଖବରଦାତା ସମ୍ମିଳନୀରେ ଶୁକ୍ରବାର ସୂଚନା ଦେଇଛନ୍ତି। ଏଠାରେ ୮୦ଟି ଖୁଚୁରା ବାଣ ଦୋକାନ ଖୋଲାଯିବ। ଏହାର ପରିସରକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରାଯିବାକୁ ଶପଥ ନିଆଯାଇଥିଲା। ଏଥିସହ ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ୱାଇପ୍ ମେଶିନ ମାଧ୍ୟମରେ ନେଣଦେଣ ସୁବିଧା ଉପଲବ୍ଧ ହେବ। ସେହିପରି ଅଗ୍ନିଶମ ବିଭାଗର ନିର୍ଦ୍ଦେଶ ଓ ରହିଥିବା ନିୟମ ଅନୁଯାୟୀ ପ୍ରତି ଦୋକାନରେ ବାଲି, ପାଣି ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜଟଣୀର ଗୋଟିଏ ସ୍ଥାନରେ ଏହି ବ୍ୟବସାୟ କରିବାକୁ ନିଷ୍ପତ୍ତି ହୋଇଥିବାରୁ ସହରର ଅନ୍ୟ କେଉଁଠାରେ ଯେପରି ଆଉ କେହି ବାଣ ଦୋକାନ କରିବେ ନାହିଁ ସେ ନେଇ ପୋଲିସ ଓ ପ୍ରଶାସନକୁ ଅବଗତ କରାଯାଇଥିବା ସେମାନେ କହିଥିଲେ।


ହନୁମାନ ବାଟିକା ପଡ଼ିଆରେ ବାଣ ଦୋକାନ ପାଇଁ ଭୂମିପୂଜା କରାଯାଉଛି।

## ମଦ୍ୟପ ଜନନୀ ସୁରକ୍ଷା ଗାଡ଼ି ଚାଳକଙ୍କୁ ଧରି ଲୋକେ ପୋଲିସ ଜିମା ଦେଲେ

ବେଗୁନିଆ, ୧୩। ୧୦ (ଡି.ଏନ.ଏ.)

ରବିବାର ଏକ ଜନନୀ ସୁରକ୍ଷା ଗାଡିର ମଦ୍ୟପ ଚାଳକଙ୍କୁ ଧରି ଲୋକେ ବେଗୁନିଆ ଥାନା ପୋଲିସ ଜିମା ଦେଇଛନ୍ତି। ଏ ନେଇ ପୋଲିସ ଚାଳକଙ୍କ ଗାଡି ଫର୍ଟନେସ୍ ଲାଇସେନ୍ସ ଏବଂ ଆଲକହଲ ଟେଷ୍ଟ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁସାରେ, ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଥିବା ଜନନୀ ସୁରକ୍ଷା ଗାଡି ସନ୍ଧ୍ୟା ସମୟରେ ବେଗୁନିଆ ସଦର ମହକୁମା ଦେଇ ଜାତୀୟ ରାଜପଥରେ ଯାଉଥିଲା। ଚାଳକ ଜଣକ ଭାରସାମ୍ୟ ହରାଇ ଯାତ୍ରୀଙ୍କ ଉପରକୁ ମାଡି ଆସୁଥିଲା। ଲୋକେ ଗାଡିକୁ ଅଟକାଇ ଥିଲେ। ଚାଳକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଚାଳକ ଜଣକ ହେଲେ ବୋଲଗଡ ଅଞ୍ଚଳର ଅରୁଣ କୁମାର ପୃଷ୍ଟି। ଅରୁଣ ଆଲକହଲ ସେବନ କରିଥିଲେ ବୋଲି ଟେଷ୍ଟରୁ ଜଣାପଡିଥିଲା। ଅରୁଣଙ୍କୁ ପଚରାଉଚରା କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ମନୁଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବେଗୁନିଆ, ୧୩। ୧୦ (ଡି.ଏନ.ଏ.)

କୁମାର ପୂର୍ଣ୍ଣିମା ଅବସରରେ ମନୁଆ ସାହିତ୍ୟ ସଂସଦର ୪ର୍ଥ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ବେଗୁନିଆ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ପୀଠ ପରିସରରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ବିଭିନ୍ନ ଜିଲାର ବହୁ କବୟିତ୍ରୀ, କବି, ସାହିତ୍ୟିକ ଯୋଗ ଦେଇଥିଲେ। ସଂସଦର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ପିପିଲି ଅଞ୍ଚଳର ଶିକ୍ଷାବିତ୍ ଡ. ଲୋକନାଥ ସେଠୀ, ବକ୍ତା ଭାବେ ପଣ୍ଡିତ ଚନ୍ଦ୍ରମଣି ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ଯମେଶ୍ୱର କହଲସିଂ, ଗୋପୀନାଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ନିଶିକାନ୍ତ କହଲସିଂ ସଂଯୋଜନା କରିଥିଲେ। ଏହି ଅବସରରେ କବି ସୁରେଶ ଚନ୍ଦ୍ର ଦାଶ ଏବଂ କବୟିତ୍ରୀ ସେବତୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା 'ମନୁଆ' ଏବଂ ବସନ୍ତ ସାହୁଙ୍କ ଲିଖନୀରୁ ପୁସ୍ତକ 'ସ୍ମୃତି ପାଖୁଡା'କୁ ଲୋକାର୍ପିତ କରାଯାଇଥିଲା। ଆୟୋଜକ ସଂସଦର ସମ୍ପାଦକ କ୍ଷେତ୍ରବାସୀ ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ପରମାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜୁଆ ଆଡ୍ଡାରେ ଚଢାଉ, ୫ ଜୁଆଡି ଗିରଫ

ଭୁବନେଶ୍ୱର/ପାତ୍ରପଡା,୧୩।୧୦ (ବ୍ୟୁରୋ/ଡି.ଏନ.ଏ.):

ଖଣ୍ଡଗିରି ଥାନା ଭରତପୁର କାଠଗୋଲା ୫ ନମ୍ବର ପଡିଆରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୫ ଜଣ ଜୁଆଡିଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ୨୫ ଶହ ଟଙ୍କା ଓ ତାସ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି। ଗିରଫ ଜୁଆଡିମାନେ ହେଲେ ଭରତପୁର ୟୁନିଟ-୬ର ବିକ୍ରମ ନାୟକ(୨୬), ୟୁନିଟ-୫ର ସଦାଶିବ ପଲେଇ(୨୪), ରାଇରଙ୍ଗପୁରର ଯୁଧିଷ୍ଠିର ମହାକୁଡ(୩୨), ଭରତପୁରର କେ. ଶିବଶଙ୍କର ରାଓ(୨୪) ଓ ଗଞ୍ଜାମ ପାଟପୁରର ରବି କୁମାର ବିଶୋଇ(୩୦)। ସେମାନଙ୍କ ବିରୋଧରେ ପୋଲିସ ନଂ.୫୬୯/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

ଉକ୍ତ ପଡିଆରେ ପ୍ରତିଦିନ ଜୁଆଆଡ୍ଡା ଜମେ। ଜୁଆଡିମାନେ ସେଠାରେ ବିଭିନ୍ନ ପ୍ରକାର ନିଶା ଖାଇ ଜୁଆ ଖେଳିଥାନ୍ତି। ଏପରିକି ସେହି ପଡିଆରେ ପାଟିତୁଣ୍ଡ କରିଥାନ୍ତି। ଶନିବାର ରାତି ପ୍ରାୟ ୧୧ଟାରେ ଖବରପାଇ ପୋଲିସ ସେଠାରେ ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ୫ ଜଣ ଜୁଆଡିଙ୍କୁ କାବୁ କରିବା ସହ ୩ ଜଣ ଖସି ପଳାଇଥିଲେ।

## କବିତା ପାଠୋତ୍ସବ, ସମ୍ବର୍ଦ୍ଧନା

ନିରାକାରପୁର,୧୩।୧୦(ଡି.ଏନ.ଏ.)

କୁମାର ପୂର୍ଣ୍ଣିମା ଉତ୍ସବ ଉପଲକ୍ଷେ ରାମେଶ୍ୱରଠାରେ ଥିବା ଏକ ହୋଟେଲରେ ନିରାକାରପୁର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଓ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ କାବ୍ୟିକ ବିଶ୍ୱ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଭା ଅତୁଳନୀୟ ଆଲୋଚନା ପ୍ରତିଭା ଧର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ସଭାକୁ ସୁସାହିତ୍ୟିକ ଡ. ବେଣୁଧର ଦାସ ପୌରୋହିତ୍ୟ କରିଥିବା ବେଳେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅତିଥି ଭାବେ ଡ. ସୁହାସିନି ମହାପାତ୍ର, ସମ୍ମାନିତ ଅତିଥି ଭାବେ ଲୋକନାଥ ଦାସ, ସଂସଦର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ। ସେହିପରି ଦ୍ୱିତୀୟ ଅଧିବେଶନ କବିତା ପାଠରେ ମୋନାଲିସା ଦାସ ମଧ୍ୟ ପରିଚାଳନା କରିଥିଲେ। ଏହି ସଭାରେ ନିମନ୍ତ୍ରିତ ହୋଇ ଆସିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ଦିରରୁ ଚୋରି ଅଷ୍ଟଧାତୁ ମୂର୍ତ୍ତି, ଟଙ୍କା ଉଦ୍ଧାର

ଖୋର୍ଦ୍ଧା ଅଫିସ,୧୩।୧୦:

ବାଣପୁର ଥାନା ଭୀମପୁର ମାଳିସାହ ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରରୁ ଅଷ୍ଟଧାତୁର ମୂର୍ତ୍ତି, ଟଙ୍କା ଲୁଟ୍ ଏବଂ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଅଭିଯୋଗରେ ଭୀମପୁର ମାଳିସାହିର ଦୀପକ କୁମାର ତ୍ରିପାଠୀ (୨୦)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପୋଲିସ ଅଭିଯୁକ୍ତଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦେଇଛି। ଥାନାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁନୀଲ କୁମାର ମହାନ୍ତି ଓ ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, ମାଳିସାହିର ଦୀପକ ଶନିବାର ବିଳମ୍ବିତ ରାତିରେ ବାଣପୁର ତହସିଲ ରୋଡ, ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ଓ ଏଚଡିଏଫ୍‌ସିର ଦୁଇଟି ଏଟିଏମ ଭାଙ୍ଗି ଟଙ୍କା ଲୁଟିବା ପାଇଁ ଉଦ୍ୟମ କରିଥିଲେ।



ଗିରଫ ଅଭିଯୁକ୍ତ ଦୀପକ

ହେଲେ ଉଦ୍ୟମ ବ୍ୟର୍ଥ ଯିବା ପରେ ଭୋର ସମୟରେ ନିଜ ଗ୍ରାମ ମାଳିସାହି ନିକଟସ୍ଥ ୪ ଶହ ବର୍ଷ ତଳର ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରଠାରେ ପହଞ୍ଚି କବାଟର ତାଲା ଭାଙ୍ଗି ଅଷ୍ଟଧାତୁରେ ନିର୍ମିତ ରାଧାକୃଷ୍ଣ, ଗୁରୁଣ୍ଡି ଗୋପାଳ, ଲକ୍ଷ୍ମୀନାରାୟଣ, ରାମଲକ୍ଷ୍ମଣ, ସୀତା ସମେତ ଘଣ୍ଟି, ଘଣ୍ଟ

**ଅଭିଯୁକ୍ତ ଜେଲ ଗଲେ**

ଥାଳି, ଛତି, ଚକ୍ର ଓ ୪ ହଜାର ଖୁଚୁରା ଟଙ୍କା ଚୋରାଇ ନେଇଥିଲେ। ରବିବାର ପୂର୍ବାହ୍ନରେ ପୂଜାରୀ ନରେଶ କୁମାର ଦାଶ ମନ୍ଦିର ନୀତିକାନ୍ତି କରିବାକୁ ଆସିବା ବେଳକୁ ମନ୍ଦିର କବାଟ ତାଲା ଭଙ୍ଗା ଯାଇଥିବା ସହ ମନ୍ଦିରର ସିଂହାସନ ସମ୍ପୂର୍ଣ୍ଣ ଖାଲି ପଡ଼ିଥିବା ନେଇ ମନ୍ଦିରର ମାର୍ଫତ୍ ସୁନୀଲ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ସୁନୀଲଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୫୭, ୩୮୦ରେ ନଂ. ୨୭୯/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସନ୍ଦେହରେ ଦୀପକଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ଚୋରି ଘଟଣା ଜଣାପଡିଥିଲା। ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଦୀପକଙ୍କୁ କାବୁ କରି ସମସ୍ତ ମୂର୍ତ୍ତି, ଟଙ୍କା ସମେତ ବ୍ୟବହୃତ ବାଇକ୍‌କୁ ମଧ୍ୟ ଜବତ କରିଥିଲା। ପରେ ଦୁଇଟି ଏଟିଏମ୍ ଭାଙ୍ଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଭୁଶୁଡ଼ିଲା ଘରର କାନ୍ଥ ମୃତ୍ୟୁ ମୁଖରୁ ବର୍ତ୍ତିଲେ ଦିବ୍ୟାଙ୍ଗ ମା'ପୁଅ

**ନିମାପଡ଼ା,୧୩।୧୦(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅଫିସର ୩ଶହ ମିଟର ଦୂରରେ ଥିବା ଗୁଣ୍ଡିଚାବାଡି କଲୋନୀର ଏକ ଜରାଜୀର୍ଣ୍ଣ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦିବ୍ୟାଙ୍ଗ ମା'ପୁଅ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁଣ୍ଡିଚାବାଡି କଲୋନୀର ଏକ ଜରାଜୀର୍ଣ୍ଣ ଘରେ ଦିବ୍ୟାଙ୍ଗ ଅର୍ଣ୍ଣପୂର୍ଣ୍ଣା ସ୍ୱାଇଁ ଓ ତାଙ୍କ ପୁଅ ଭାଗବତ ସ୍ୱାଇଁ ଆଶ୍ରୟ ନେଇଛନ୍ତି। ଶନିବାର ସକାଳେ ବର୍ଷା ଯୋଗୁ ହଠାତ୍ ତାଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଅର୍ଣ୍ଣପୂର୍ଣ୍ଣା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଉମାମଣି ପାତ୍ର ତାଙ୍କ ଘରେ ପହଞ୍ଚି ପଲିଥିନ ଯୋଗାଇଦେବା ସହ ତହସିଲଦାରଙ୍କୁ ଅବଗତ କରାଇଥିଲେ। ସାମାଜିକର୍ମୀ ବିକ୍ରମ କେଶରୀ ସାମଲ ମଧ ଅର୍ଣ୍ଣପୂର୍ଣ୍ଣାଙ୍କ ଘରେ ପହଞ୍ଚି ୨ହଜାର ଟଙ୍କା ଓ ରାଶନ ସାମଗ୍ରୀ ଯୋଗାଇଦେଇଛନ୍ତି। ଆବାସ ଯୋଜନାରେ ଏକ ପକ୍କା ଗୃହ ଓ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ଟ୍ରକ୍ ଧକ୍କାରେ ଭଉଣୀଭାଇ ଗୁରୁତର

**ନିମାପଡ଼ା,୧୩।୧୦(ଡି.ଏନ୍.ଏ.):** ନିମାପଡ଼ା-ପିପିଲି ରାସ୍ତାର ଓଳିକୋଣା ଘୋଡାଶାଳିଆ ଛକ ମଝିରେ ରବିବାର ଏକ ଟ୍ରକ୍ ଧକ୍କାରେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରଦ୍ୱୟ ଘୋଡାଶାଳିଆ ଗ୍ରାମର ଏକ ପରିବାରର ଭଉଣୀଭାଇ ହୋଇଥିବା ଜଣାପଡିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ(ଓଡି୦୭ଏଚ ୮୩୪୩) ଓ ନମ୍ବର ବିହୀନ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡ଼ାରୁ ପିପିଲି ଅଭିମୁଖେ ଟ୍ରକ ଯାଉଥିବା ବେଳେ ଭଉଣୀଭାଇ ଘୋଡାଶାଳିଆ ଗ୍ରାମରୁ ବାହାରି ଓଳିକୋଣା ଛକ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ କହିଛି।

### କୁମାର ଉତ୍ସବ ଆରମ୍ଭ

**ପୁରୀ ଅଫିସ,୧୩।୧୦:** ଶ୍ରୀକ୍ଷେତ୍ର ୟୁଥ୍ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ରବିବାର ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ୪୦ତମ କୁମାର ଉତ୍ସବ ଆରମ୍ଭ ହୋଇଛି। ଏହି ଦୁଇଦିନିଆ ଉତ୍ସବକୁ ଅନୁଷ୍ଠାନର ସଭାପତି ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ନାଲ୍‌କୋ ଅଧକ୍ଷ ଡ. ତପନ ଚାନ୍ଦ ଏବଂ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୀ ସହରକୁ ଭାରତର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ଆହୁରି ଲୋକପ୍ରିୟ କରିବା ଲାଗି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ସଭା ପରେ ଅନୁଷ୍ଠାନ ପକ୍ଷରୁ ବିଜୟ କୁମାର ଆପଟ, ରଘୁନାଥ ମହାପାତ୍ର, ମିସ୍ ସିମ୍ରନ ଓ ଭୂମିକା ଦାଶ (ଚଳଚ୍ଚିତ୍ର)ଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଦ୍ୱାରା ପ୍ରାୟୋଜିତ ସଙ୍ଗୀତ ରୂପକ 'ଚାନ୍ଦର ଚାନ୍ଦିନୀ ତଳେ... ପରିବେଷଣ ହୋଇଥିଲା। ଭୁବନେଶ୍ୱରର ଦଶାବତାର ନାଟ୍ୟଶାଳା ଦ୍ୱାରା ଓଡ଼ିଶୀ ନୃତ୍ୟ, ତିଲକ ଚକ୍ରବର୍ତ୍ତୀ ଓ ସୋନାଲି ନନ୍ଦଙ୍କ ଗୀତରେ ଦର୍ଶକ ଝୁମିଥିଲେ।

### ସମାଜକୁ ସାହିତ୍ୟ ଯୋଡ଼େ

**ପୁରୀ ଅଫିସ,୧୩।୧୦ :** କୁମାର ପୂର୍ଣ୍ଣମୀ ତଥା ଗଣକବି ବୈଷ୍ଣବ ପାଣି ଜୟନ୍ତୀ ଅବସରରେ ରବିବାର ଅଠରନଳା ସ୍ଥିତ ଭଗବତୀ ବିଦ୍ୟା ନିକେତନ ପରିସରରେ ବ୍ରହ୍ମଗିରି ରେଣ୍ଢାଗଡ଼ର ବାମଦେବ ପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଶାରଦୀୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଫେସର ଶରତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ରବୀନ୍ଦ୍ର ନାଥ ପଟ୍ଟନାୟକ ମୁଖ୍ୟଅତିଥି, ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣକବିଙ୍କ କୃତି ସମ୍ପର୍କରେ ଆଲୋକପାତ କରି ସମାଜକୁ ସାହିତ୍ୟ ଯୋଡ଼ିଥାଏ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ପାତ୍ର ସ୍ୱାଗତ ଭାଷଣ, କ୍ରିଷ୍ଣା ମହାପାତ୍ର ଅତିଥି ପରିଚୟ ଏବଂ ରମେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର ବିଶୋଇ, ଶିବପ୍ରସାଦ ମିଶ୍ର, ଲକ୍ଷ୍ମୀଧର ମାଝି ପ୍ରମୁଖ ସହଯୋଗ କରିଥିଲେ।

■ କଟକଣାକୁ ବେଖାତିର

# ଶ୍ରୀମନ୍ଦିର ଭିତରକୁ ଯାଉଛି ମୋବାଇଲ

## ସୋସିଆଲ ମିଡିଆରେ ବୁଲୁଛି ବଡ଼ଦେଉଳ ଭିତର ଫଟୋ

**ପୁରୀ ଅଫିସ, ୧୩।୧୦**

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଗତ ଜାନୁୟାରୀ ୩ ତାରିଖରୁ ଏହି କଟକଣାକୁ ଅଧିକ କଡ଼ାକଡି କରିଛି ମନ୍ଦିର ପ୍ରଶାସନ। ମନ୍ଦିର ଭିତରେ ଯଦି କାହାଠାରୁ ମୋବାଇଲ ଫୋନ ଜବତ ହୁଏ ତେବେ ତାହାକୁ ବାଜ୍ୟାପ୍ତି କରାଯିବ ନଚେତ୍ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବାକୁ ଆଇନ ହୋଇଛି। ହେଲେ ଏହି କଟକଣାକୁ ଅନେକେ ମାନୁନାହାନ୍ତି। ଏବେ ବି ମନ୍ଦିର ଭିତରକୁ ଯାଉଛି ମାଳ ମାଳ ମୋବାଇଲ। ସେବାୟତମାନେ ଖୁଲମଖୁଲା ମୋବାଇଲ ନେଇ ଭିତରକୁ ଯାଉଥିବାବେଳେ କେତେକ ଶ୍ରଦ୍ଧାଳୁ ଲୁଚାଛପାରେ ନେଉଛନ୍ତି। ଫଳରେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ନିକଟରେ ଆନନ୍ଦବଜାରରେ ମହାପ୍ରସାଦ ଖାଉଥିବାବେଳେ ଜଣେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରୁ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କିପରି ତାହା ସ୍ପଷ୍ଟ ଜଣାପଡୁଛି।

ଶ୍ରୀମନ୍ଦିର ଆଇନ ଅନୁଯାୟୀ ମନ୍ଦିର ଭିତରକୁ କେବେଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ ଫୋନ ନେଇପାରିବେ। ଏମାନଙ୍କ ଛଡା ଅନ୍ୟ କେହି ମୋବାଇଲ ଫୋନ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡାକଡି ପାଳନ କରିବା ଲାଗି ଚାରି ଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରେ ବୁଲୁଛି ମାଳ ମାଳ ମୋବାଇଲ ଫୋନ। ଯିଏ ଯେମିତି ଚାହୁଁଛି ସେମିତି



ସେଲ୍‌ଫି ଉଠାଇ ସୋସିଆଲ ମିଡିଆରେ ଫଟୋ ଅପ୍‌ଲୋଡ କରୁଛନ୍ତି। କେବଳ ଭକ୍ତ ନୁହନ୍ତି ସୁରକ୍ଷା ଲାଗି ନିୟୋଜିତ ପୋଲିସ କର୍ମଚାରୀ ବି ଉଠାଇଥିବା ଫଟୋ ବିଗତ ଦିନରେ ସୋସିଆଲ ମିଡିଆରେ ବୁଲୁଛି। ସେହିପରି ସେବାୟତମାନେ ମଧ୍ୟ ଭିତରକୁ ଅବାଧରେ ସ୍ମାର୍ଟଫୋନ ନେଇ ଯାଉଛନ୍ତି। ଗତବର୍ଷ ଶ୍ରୀମନ୍ଦିରର ବହୁ ସମ୍ବେଦନଶୀଳ ସ୍ଥାନ ଏପରି କି ଗର୍ଭଗୃହର ଫଟୋ ବି ସୋସିଆଲ ମିଡିଆରେ ନଜରକୁ ଆସିଥିଲା। ଏବେ ପୁଣି ଫଟୋ ପଦାକୁ ଆସିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅବଶ୍ୟ ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିଲେ ମଧ ଶ୍ରୀମନ୍ଦିର ଭିତରକୁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ନିଷେଧ କରିପାରି ନାହିଁ। ଏବେ ବି ସେବାୟତ ଓ କର୍ମଚାରୀ ମୋବାଇଲ ଫୋନ ନେଇ ଭିତରକୁ ଯାଉଛନ୍ତି। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରେ ନିକଟରେ ଏମିତି ଏକ ଘଟଣା ବି ଘଟିଛି। ଆସନ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ପ୍ରସଙ୍ଗ ଉତ୍‌ଥାପନ କରାଯିବ। ମୋବାଇଲ କଟକଣା ସଂକ୍ରାନ୍ତରେ ସ୍ପଷ୍ଟ ଭାବେ ଗାଇଡ୍‌ଲାଇନ ଇସ୍ୟୁ କରିବା ପାଇଁ ପୋଲିସ ପକ୍ଷରୁ କୁହାଯିବ ବୋଲି କହିଥିଲେ।



'କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ': କୁମାର ପୂର୍ଣ୍ଣମୀ ଉତ୍ସବରେ ପୁରୀରେ ଯୁବତୀମାନେ ଚାନ୍ଦ ଓ ଚଉଁରାକୁ ପୂଜା କରୁଛନ୍ତି।

### ମା' ଧନଦାତ୍ରୀଙ୍କୁ ଆରାଧନା

**ପୁରୀ ଅଫିସ, ୧୩।୧୦**

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀକ୍ଷେତ୍ର ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ସାଇ ଗଜଲକ୍ଷ୍ମୀ ପୂଜା କମିଟି, ବଡ଼ଶଙ୍ଖ ଗଜଲକ୍ଷ୍ମୀ ପୂଜା କମିଟି, ଦର୍ଜି ପୋଖରୀ ଛକ ଗଜଲକ୍ଷ୍ମୀ ପୂଜା କମିଟି, ବଳଗଣ୍ଡି ଛକ ପୂଜା କମିଟି, ମାଉସୀ ମା ମନ୍ଦିର ନିକଟରେ ଥ୍ରୀ ଷ୍ଟାର କ୍ଲବ ପକ୍ଷରୁ ଧୁମ୍‌ଧାମରେ ପୂଜା କରାଯାଉଛି। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। କେତେକ ଜାଗାରେ ଆକର୍ଷଣୀୟ ତୋରଣ ତିଆରି ହୋଇଛି। ରବିବାର ଶ୍ରୀମନ୍ଦିର ପରିସରସ୍ଥ ମହାଲକ୍ଷ୍ମୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା।



ଅବହେଳିତ ଅବସ୍ଥାରେ ପଡିରହିଛି ପୂର୍ତ୍ତ ବିଭାଗ ଡାକବଙ୍ଗଳା।

# ଭୂତକୋଠି ପାଲଟିଛି ଡାକବଙ୍ଗଳା

## ମରାମତି ନାଁରେ ଟଙ୍କା ହରିଲୁଟ୍

**ଗୋପ, ୧୩।୧୦(ଡି.ଏନ୍.ଏ.)**

ବହୁ ପୁରାତନ ଗୋପ ପୂର୍ତ୍ତ ଓ ଜଳସମ୍ପଦ ବିଭାଗର ଦୁଇଟି ଡାକବଙ୍ଗଳା ଏବେ ଭୂତ କୋଠି ପାଲଟିଛି। ୫ ବର୍ଷ ହେଲା ଏହି ଡାକବଙ୍ଗଳାରେ ତାଲା ଝୁଲୁଛୁ। ବିଭାଗୀୟ ଯନ୍ତ୍ରୀମାନେ ଦୃଷ୍ଟି ନ ଦେବା ଯୋଗୁ ଏଠାକୁ ଆଉ କେହି ଆସୁ ନ ଥିବା ଭଳି ଅଭିଯୋଗ ହେଉଛି। ଦିନ ଥିଲା ନିମାପଡ଼ା-କୋଣାର୍କ ରାସ୍ତାର ଗୋପ ପୂର୍ତ୍ତ ବିଭାଗର ଡାକବଙ୍ଗଳା ଓ ଜଳସମ୍ପଦ ଡାକବଙ୍ଗଳାକୁ ଯନ୍ତ୍ରୀ ଠାରୁ ଆରମ୍ଭ କରି ମନ୍ତ୍ରୀ ବିଧାୟକଙ୍କ ଗହଳି ଚହଳୀ ଲାଗି ରହୁଥିଲା। ହେଲେ ବର୍ତ୍ତମାନ ଏହି ପୁରୁଣା ଦୁଇ ଗୋଟି ଡ଼ାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିଭାଗୀୟ ଯନ୍ତ୍ରୀମାନେ ଏହି ପୁରୁଣା ଡ଼ାକବଙ୍ଗଳା ୨ଟି ପ୍ରତି ଦୃଷ୍ଟି ନ ଦେବାରୁ କ୍ରମଶଃ ଭାଙ୍ଗିରୁଜି ଯାଉଛି। ଗୋପ ପୂର୍ତ୍ତ ବିଭାଗ ସେକ୍ସନ ପରିସରରେ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକବଙ୍ଗଳାଟି ରହିଥିବାବେଳେ ନିକଟରେ ଜଳସମ୍ପଦ ବିଭାଗର ମଧ ଗୋଟିଏ ଡାକବଙ୍ଗଳା ରହିଛି। ଫନୀ ପରେ ଏହି ଡାକବଙ୍ଗଳା ମରାମତି ଲାଗି ଅର୍ଥ ମଞ୍ଜୁର ହୋଇଥିଲେ ମଧ ମରାମତି କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗର ଉଚ୍ଚ ପଦାଧିକାରୀ ଓ ସ୍ଥାନୀୟ ବିଧାୟକ ଏହି ପୁରାତନ ଡାକବଙ୍ଗଳା ୨ଟିର ପୁନରୁଦ୍ଧାର କରିବା ଲାଗି ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ନବଘନ ବେହେରା ଓ ଜଳସଂପଦ ଏସ୍‌ଡିଓ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ ଖୁବ୍ ଶୀଘ୍ର ଏହି ଡାକବଙ୍ଗଳାର ମରାମତି କାର୍ଯ୍ୟ କରାଯିବ ବୋଲି କହିଥିଲେ।

### ଆଇଟି ପ୍ରଶିକ୍ଷଣ, ଜାପାନିଜ୍ ଭାଷା ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

**ପୁରୀ ଅଫିସ,୧୩।୧୦**

ଟେକ୍ନୋ ଇଣ୍ଡିଆ ଏବଂ ଚନ୍ଦ୍ରଶେଖର ଏକାଡେମୀ ପକ୍ଷରୁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡସ୍ଥିତ ଚନ୍ଦ୍ରଶେଖର ଏକାଡେମୀ ପରିସରରେ ରବିବାର ଆଇଟି ପ୍ରଶିକ୍ଷଣ କେନ୍ଦ୍ର ଓ ଜାପାନିଜ ଭାଷା ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାପାନର କନ୍‌ସୁଲେଟ ଜେନେରାଲ (କୋଲକାତା) ମାସୁୟୁକି ତାଗା ଯୋଗଦେଇ କହିଥିଲେ, ଜାପାନର କ୍ୟୁସେରା ଗ୍ରୁପ୍‌ରେ ଶତାଧିକ ଶାଖା ରହିଥିବାବେଳେ ଏଥିରେ ବିଭିନ୍ନ କମ୍ପାନୀ ଅନ୍ତର୍ଭୁକ୍ତ ଅଛି। ଏଠାରୁ ଛାତ୍ରୀଛାତ୍ରମାନେ ଆଇଟି ଶିକ୍ଷା ଗ୍ରହଣ କରି ସେଠାରେ କର୍ମନିଯୁକ୍ତି ପାଇପାରିବେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ୟୁସେରା ଗ୍ରୁପ୍ ଅଫ୍ କମ୍ପାନୀ ଅଧକ୍ଷ ଜୁନିଚି ସତୋ, ପଶ୍ଚିମବଙ୍ଗ ଟେକ୍ନୋ ଇଣ୍ଡିଆ ଗ୍ରୁପ୍ ଓ ଟେକ୍ନୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଡ. ସୁଜୋୟ କୁମାର ବିଶ୍ୱାସ, ଅନୀତା ଅଧିକାରୀ, କ୍ୟୁସେରା ଗ୍ରୁପ୍ ଅଫ୍ କମ୍ପାନୀ କାର୍ଯ୍ୟକାରୀ ନିର୍ଦ୍ଦେଶକ ହିରୋଆକି କାନାଉଚି, ଆଇଟି ଟ୍ରେନିଂ ଗ୍ରୁପ୍‌ର ମୁଖ୍ୟ ସିନ୍ୟା କୁବୋ ପ୍ରମୁଖ ଯୋଗଦେଇ ନୂତନ କେନ୍ଦ୍ର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କୋର୍ସ କରିବା ଦ୍ୱାରା ଭାରତ ତଥା ଭାରତ ବାହାରେ ପ୍ଲେସମେଣ୍ଟ ଏବଂ ଜାପାନିଜ ଭାଷା ଅଧ୍ୟୟନ କରି ଜାପାନରେ ଚାକିରି କରିବାର ସୁଯୋଗ ମିଳିପାରିବ ବୋଲି ଅତିଥିମାନେ କହିଥିଲେ। ଏହାଦ୍ୱାରା ପୁରୀ, ପଶ୍ଚିମବଙ୍ଗ ଏବଂ ଜାପାନର ବନ୍ଧୁତା ଆହୁରି ନିବିଡ଼ ହୋଇପାରିବ ବୋଲି ଚନ୍ଦ୍ରଶେଖର ଏକାଡେମୀ ସଭାପତି କୁନା ଦାଶ କହିଛନ୍ତି।



ଆଇଟି ପ୍ରଶିକ୍ଷଣ ଓ ଜାପାନିଜ୍ ଭାଷା ଶିକ୍ଷାକେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

■ ଚନ୍ଦନପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ୩ ଘଟଣାରେ ପୋଲିସ ହାତ ଖାଲି

**ପୁରୀ ଅଫିସ, ୧୩।୧୦**

ଚନ୍ଦନପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି ଅପରାଧୀ। ଲୁଟ, ଡକାୟତି, ଆକ୍ରମଣ ଭଳି ଗୋଟିଏ ପରେ ଗୋଟିଏ ଘଟଣା ଘଟିଚାଲିଛି। ତେବେ ପୋଲିସ କେବଳ ଅଭିଯୋଗ ଉପରେ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଶନିବାର ବୀରବଳଭଦ୍ରପୁରସ୍ଥିତ ଗୋପିନାଥଦେବ ମନ୍ଦିରରୁ ଦୁର୍ବୃତ୍ତମାନେ ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିଲେ। ନିକଟରେ ସିଦ୍ଧେଶ୍ୱରୀ ଜୁଏଲାରୀ ଦୋକାନୀ ମାଲିକ ବାଇକରେ ସୁନା ଗହଣା ଧରି ଘରକୁ ଫେରୁଥିବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ରଘୁରାଜପୁର ନିକଟରେ ମାରଣାସ୍ତ୍ର ଦେଖାଇ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଇଥିଲେ। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ବାଇପାସ ନିକଟରେ ବାଇକରେ ପୁରୀ ଯାଉଥିବା ଏକ ଦମ୍ପତିଙ୍କୁ କେତେଜଣ ଦୁର୍ବୃତ୍ତ ମରଣାତ୍ମକ ଆକ୍ରମଣ କରି ତାଙ୍କଠାରୁ ୧୦ହଜାର ଟଙ୍କା ୨ଟି ମୋବାଇଲ ଲୁଟି ନେଇଥିଲେ। ଏହି ୩ ଘଟଣାରେ ବର୍ତ୍ତମାନ ସୁଦ୍ଧା କେହି ଧରାପଡ଼ିନାହାନ୍ତି। ଅନ୍ୟପଟେ ଚନ୍ଦନପୁର ଥାନା ଅଞ୍ଚଳରେ ଜୁଆ ଆଡ୍ଡା ଚାଲିଥିଲେ ମଧ ପୋଲିସ ଚୁପ୍ ବସିଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଏବଂ ଚନ୍ଦନପୁର- ଜଗନ୍ନାଥ ସଡକ ରାସ୍ତା ଅସୁରକ୍ଷିତ ହୋଇପଡ଼ିଛି। ଏ ନେଇ ଥାନାଧିକାରୀ ବାମଦେବ ନନ୍ଦ କହିଛନ୍ତି, ଉପରୋକ୍ତ ୩ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

### ସଭା, ଆଲୋଚନାଚକ୍ର

**ପୁରୀ ଅଫିସ,୧୩।୧୦**

ବୋଧିଚକ୍ରର ମାସିକ ଧାର୍ମିକ ସଭା ଓ କୁମାର ପୂର୍ଣ୍ଣମୀ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢୀ ସଭାପତିତ୍ୱ କରିଥିଲେ। ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ପାଠ ଏବଂ ସମ୍ପାଦକ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ କୁମାର ପୂର୍ଣ୍ଣମୀରେ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟରେ ରହନ୍ତି। ରାତିରେ ଏହା ଉଜ୍ଜ୍ୱଳ ଓ ତେଜୋମୟ ଦେଖାଯାନ୍ତି। ଓଡ଼ିଶାରେ କୁମାର ପୂର୍ଣ୍ଣମା ବା କୁଆଁର ପୁନେଇ ଏକ ବିଶିଷ୍ଟ ତଥା ନିଆରା ପର୍ବ। ପୂର୍ଣ୍ଣମୀ ପରେ ଶରତ ଋତୁ ଆରମ୍ଭ ହେଉଥିବାରୁ ଏହାକୁ ଶରତ ପୂର୍ଣ୍ଣମୀ ମଧ କୁହାଯାଏବୋଲି ଅତିଥିମାନେ କହିଥିଲେ। ସତ୍ୟନାରାୟଣ ମିଶ୍ର, ଦେବରାଜ ପ୍ରଧାନ, ସୂର୍ଯ୍ୟନାରାୟଣ ପାତ୍ର, ଉଲ୍ଲାସବାଳା ଦାସ, ବିଶ୍ୱନାଥ ମିଶ୍ର, ଅରୁଣ କୁମାର ସାମଲ, ରବି ନାରାୟଣ ପତି, ରମାବଲ୍ଲଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୁମାର ପୂର୍ଣ୍ଣମୀରେ କଉଡ଼ି ଖେଳିଲେ ଲକ୍ଷ୍ମୀନାରାୟଣ

**ସାକ୍ଷୀଗୋପାଳ, ୧୩।୧୦(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରରେ କୁମାର ପୂର୍ଣ୍ଣମୀ ପର୍ବ ପରମ୍ପରା କ୍ରମେ ପାଳିତ ହୋଇଯାଇଛି। ଏହି ଅବସରେ ଲକ୍ଷ୍ମୀନାରାୟଣଙ୍କ ମଧରେ କଉଡି ଖେଳ ଅନୁଷ୍ଠିତ ହୋଇଥିଲା। ରବିବାର ଠାକୁରଙ୍କ ବଡସିଂହାର ବେଶ ପରେ ବିଜେ ପ୍ରତିମା ମଦନ ମୋହନ ମନ୍ଦିର ସିଂହଦ୍ୱାର ସ୍ଥିତ କୁମାର ପୂର୍ଣ୍ଣମୀ ବେଦିକୁ ବିମାନରେ ବିଜେ କରିଥିଲେ। ଏହି ଅବସରରେ ସାତ ସୁଆର ସେବାୟତ ପ୍ରସ୍ତୁତ କରିଥିବା ସରପୁଳି, ଖଜା, ଗଜା, ବାଲଭୋଗ, ଫଳମୂଳ, ପଇଡ ନାନାଦି ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। କୁମାର ପୂର୍ଣ୍ଣମୀ ବେଦୀରେ ଆଳତି ଓ ଉପଚାର ପରେ ଠାକୁରଙ୍କୁ କଉଡି ଛୁଆଁଇ ସାତ ମୁଠା ଲେଖାଏଁ ଦାନ ପକାଯାଇଥିଲା। ପୂଜାପଣ୍ଡା ଓ ପାଳିଆପତ୍ରି ସେବକ ଠାକୁରଙ୍କ ପ୍ରତିନିଧି ଭାବରେ କଉଡି ଖେଳିଥିବା ବେଳେ ପାଳିଆ ଭଣ୍ଡାର ମେକାପ ଏଥିରେ ସହଯୋଗ କରିଥିବା ଦେଖାଯାଇଥିଲା। କଉଡି ଖେଳପରେ ବିଜେ ପ୍ରତିମା ମନ୍ଦିରକୁ ଫେରିଯାଇଥିଲେ।

# କଣାସରେ ଗଜଲକ୍ଷ୍ମୀ ପୂଜା

**କଣାସ, ୧୩।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

କଣାସ ବ୍ଲକର ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। କଣାସ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ, ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ କଣାସ ହାଟବଜାର, ସହନା ଗ୍ରାମର ଯୁବକଙ୍କ ଦ୍ୱାରା ଦଶହରା ପଡିଆରେ, ଜଙ୍କିଆ ଗଡ଼ସାହି ଲକ୍ଷ୍ମୀବଜାର ବ୍ୟବସାୟୀଙ୍କ ପକ୍ଷରୁ ଜଙ୍କିଆ ଗଡ଼ସାହିଠାରେ ପୂଜାର୍ଚ୍ଚନା କରାଯାଉଛି। ବସ୍‌ଷ୍ଟାଣ୍ଡ ଓ ଜଙ୍କିଆ ଗଡସାହି ପୂଜା ମଣ୍ଡପରେ ୫ ଦିନ ଧରି ବାଦି ପାଲା ଅନୁଷ୍ଠିତ ହେଉଥିବା ବେଳେ ହାଟ ବଜାର ଏବଂ ଦଶହରା ପଡ଼ିଆ ପୂଜା ମଣ୍ଡପରେ ନୃତ୍ୟ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# କାଠ ମାଫିଆ ସକ୍ରିୟ

## ୨ ଦିନରେ ୨କାଠବୋଝେଇ ଗାଡ଼ି ଜବତ, ୩ ଗିରଫ

**ପୁରୀ ଅଫିସ, ୧୩।୧୦**

ପୁରୀ ଜିଲାରେ ସକ୍ରିୟ ହୋଇଛନ୍ତି କାଠ ମାଫିଆ। ରାତିରେ ଚୋରାରେ କାଠ ଚାଲାଣ କରି ବିକୁଛନ୍ତି। ଚୋରା କାଠ ଚାଲାଣ ରୋକିବାକୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂକୁ ଜୋର୍‌ଦାର କରାଯାଇଛି। ଫଳରେ ଦୁଇଦିନରେ ୨ଟି କାଠବୋଝେଇ ଗାଡ଼ି ଜବତ ହୋଇଛି । ଶୁକ୍ରବାର ରାତିରେ ଝାଉଁକାଠ ବୋଝେଇ ଏକ ୪୦୭ ଟ୍ରକ୍ ଜବତ ହୋଇଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ବ୍ରହ୍ମଗିରିରୁ ପୁରୀକୁ ଆସୁଥିବା କାଠ ବୋଝେଇ ଗାଡ଼ି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯାଇଛି। ପୁରୀ ବନ ବିଭାଗ ପକ୍ଷରୁ ଶନିବାର ରାତିରେ ଚନ୍ଦନପୁର ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିଲା। ଭୋର ପ୍ରାୟ ସାଢେ ୪ଟା ବେଳେ ଏକ ଟାଟା ଏସିଇ ଗାଡିରେ ଚିରଟ କାଠ ମାଳତୀପାଟପୁର ଦେଇ ପୁରୀକୁ ଆସୁଥିଲା। ପାଟ୍ରୋଲିଂ ସ୍କ୍ୱାଡ୍ ଫରେଷ୍ଟର ଭୀମସେନ ଦାଶ, ପ୍ରଦୀପ୍ତ କୁମାର ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ସ୍ୱପ୍ନେଶ୍ୱର ଜାଲ ଏବଂ ସଚ୍ଚିକାନ୍ତ ସେଠୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖରେ ଏହି ଗାଡ଼ିକୁ ଅଟକାଇଥିଲେ। ଡ୍ରାଇଭରଙ୍କୁ କାଠ ସମ୍ପର୍କରେ ପଚାରିଥିଲେ। ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତାଙ୍କୁ ଗିରଫ କରାଯିବା ସହ ଗାଡ଼ିକୁ ଜବତ କରାଯାଇ ବାଲୁଖଣ୍ଡ ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି। ବ୍ରହ୍ମଗିରି ଅଞ୍ଚଳରୁ ଏହି ସାଇଜ୍ କାଠ ଚୋରାରେ ଆସୁଥିଲା ଓ ପୁରୀକୁ ଯାଇଥାନ୍ତା ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଏଥିରେ ବଡ଼ ଧରଣର ର୍‍ୟାକେଟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

■ ବନ ବିଦ୍ୟାଳୟର ୧୧୧ତମ ପ୍ରତିଷ୍ଠା ଦିବସ

# ଓଡ଼ିଆ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁଙ୍କ ନାମରେ ନାମିତ ହେଉ

**ସାକ୍ଷୀଗୋପାଳ, ୧୩।୧୦(ଡି.ଏନ୍.ଏ.)**

ଆଦର୍ଶ ଶିକ୍ଷା, ସଂସ୍କାର, ସେବା ଓ ଜାତୀୟବାଦୀ ଚେତନାର ପ୍ରାଣକେନ୍ଦ୍ର ଭାବରେ ପ୍ରସିଦ୍ଧି ଲାଭ କରିଥିବା ସତ୍ୟବାଦୀ ବନ ବିଦ୍ୟାଳୟର ୧୧୧ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ମିଶନ, ସେବା ଓ ଭାରତ ବିକାଶ ପରିଷଦ ସ୍ଥାନୀୟ ଶାଖା ପକ୍ଷରୁ ଏହି ଅବସରରେ ସତ୍ୟବାଦୀ ପର୍ବ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସଂଗ୍ରାମ ସମିତିର ଆବାହକ ଶଙ୍କର୍ଷଣ ପରିଡା ଯୋଗଦେଇଥିଲେ। ସତ୍ୟବାଦୀ ପଞ୍ଚସଖାଙ୍କର ବଳିଷ୍ଠ ହୃଦୟସ୍ପର୍ଶୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସାହିତ୍ୟ ସୃଷ୍ଟି ସମ୍ପର୍କରେ ସେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ଶଙ୍କର୍ଷଣ ଦାଶ ବନ ବିଦ୍ୟାଳୟର ଐତିହାସିକ ସ୍ମୃତି ସହିତ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁଙ୍କ ଅବଦାନ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁଙ୍କ ନାମରେ ନାମିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଡ. ବଳରାମ ଦାଶ, ବିଜୟ କୁମାର ପରିଡ଼ା, ରମେଶ ଚନ୍ଦ୍ର ମିଶ୍ର, ସଂଘମିତ୍ରା ଦାସ ଓ ରବିନ୍ଦ୍ର ନାଥ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବନ ବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ଭାରତ ବିକାଶ ପରିଷଦର ସଭାପତି ସତ୍ୟବାଦୀ ଦାଶ ଅଧକ୍ଷତା କରିଥିଲେ। ଗୋପବନ୍ଧୁ ତାଙ୍କର ଗୁରୁ ପଣ୍ଡିତ ହରିହର ଦାଶଶର୍ମାଙ୍କ ଜନ୍ମତିଥି କୁମାର ପୂର୍ଣ୍ଣମୀ ଦିନ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ବୋଲି ସେ ସୂଚନା ଦେଇଥିଲେ। କବି ସମ୍ପଦ ରଥ ଓ ମାନସ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥଲେ। କବି ଡ. ଦିଲୀପ ସେନାପତି, ଡ. ନୀଳଦ୍ରି ନାଥ ଜଗଦେବ, ବିପିନ ବିହାରୀ ଦଳେଇ, ବାଇଧର ପ୍ରହରାଜ, ଝୁମୁରୀ ସାହୁ, ରଞ୍ଜୀତା ମିଶ୍ର, ପ୍ରମିଳା ପଟ୍ଟନାୟକ, ଗଙ୍ଗାଧର ମିଶ୍ର, ଜଗନ୍ନାଥ ନାୟକ ପ୍ରମୁଖ ୭୦ ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱ ରଚିତ କବିତା ଆବୃତି କରିଥିଲେ। ଡିସେମ୍ବର ମାସ ୨୭ ତାରିଖ ଠାରୁ ୫ ଦିନ ବ୍ୟାପୀ ସତ୍ୟବାଦୀ ପୁସ୍ତକ ମେଳା କରାଯିବା ନେଇ ଆଲୋଚନା କରାଯାଇଥିଲା। ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କ୍ଲବର ସଦସ୍ୟମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।